R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୫
ତିଥି : ନବମୀ
୧୮ ଫେବୃଆରୀ ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 135
18 Feb 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-668

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା




## ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।



@DHE_Odisha
@hedodisha
www.fb.com/dheodisha
0674-2323401, 2323402, 2323403 2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

OIPR: 11001/13/0074/2324

# ବେଡ୍‌ରେ ବସି ଖାଆନ୍ତୁ ନାହିଁ

**ଅନେକ ସମୟରେ କିଛି ଲୋକଙ୍କୁ ଖଟରେ ବସି ଖାଇବାର ଦେଖିବାକୁ ମିଳିଥାଏ । ଏପରି କରିବାକୁ ସବୁବେଳେ ଘରର ବଡମାନେ ମନା କରିଥାଆନ୍ତି । ତେବେ ଏଭଳି ନକରିବା ପଛରେ ସ୍ୱାସ୍ଥ୍ୟଗତ କାରଣ ମଧ୍ୟ ରହିଛି । ଖଟରେ ବସି ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ । ଆସନ୍ତୁ ଜାଣିବା ଏହି ସମସ୍ୟା ବିଷୟରେ..**

**ବଦହଜମି:** ବେଡ୍ ବା ଖଟରେ ବସି ଖାଇବା ଦ୍ୱାରା ବଦହଜମି ହେବାର ଆଶଙ୍କା ବେଶି ରହିଥାଏ । ଖାଇବା ସମୟରେ ବସିବା ପୋଶ୍ଚରର ପ୍ରଭାବ ଆମର ପାଚନ ତନ୍ତ୍ର ଉପରେ ରହିଛି । ତେଣୁ ବେଡ୍‌ରେ ଶୋଇ ଖାଇବା କିମ୍ବା ଅଧା ଶୋଇ ଖାଇବା ଆମ ପାଇଁ କ୍ଷତିକାରକ ହୋଇଥାଏ । ଏହି ପୋଜିସନ୍‌ର ପ୍ରଭାବ କାରଣରୁ ବଦହଜମି ହେବର ଭୟ ରହିଥାଏ ।



**ଖାଦ୍ୟ ନିୟନ୍ତ୍ରଣରେ ରହିନଥାଏ:** ବେଡ୍‌ରେ ବସି ଖାଇବା ସମୟରେ ଆମେ ଟିଭି ଦେଖିଥାଉ ନଚେତ୍ ମୋବାଇଲ୍‌ରେ ବ୍ୟସ୍ତ ଥାଉ । ତେବେ ଏହି କାରଣରୁ ଆମର ଖାଦ୍ୟ ଉପରେ ନିୟନ୍ତ୍ରଣ ରହିନଥାଏ । ଆମେ ଦରକାରରୁ ଅଧିକ ଖାଇଦେଉ, ଯେଉଁ କାରଣରୁ ଦେହ ଖରାପ ହେବାର ଭୟ ଥାଏ ।

**ଶୋଇବା ଉପରେ ପ୍ରଭାବ ପଡିଥାଏ:** ବେଡ୍‌ରେ ଖାଇବା ଫଳରେ ଶେଯରେ ଖାଦ୍ୟ ପଡିବାର ଭୟ ରହିଥାଏ, ଯେଉଁ କାରଣରୁ ବେଡ୍‌ରେ ପିମ୍ପୁଡି କିମ୍ବା ଅନ୍ୟ କୌଣସି କୀଟ ହେବାର ଭୟ ରହିଥାଏ । ଯାହାଫଳରେ ରାତିରେ ଶୋଇବା ସମୟରେ ବିଭିନ୍ନ ସମସ୍ୟା ହୋଇଥାଏ । ତେଣୁ ଖଟକୁ ସବୁବେଳେ ସଫା ରଖନ୍ତୁ ।

**ଆଲର୍ଜି:** ଖଟରେ ଖାଦ୍ୟ ଖାଇବା ଦ୍ୱାରା ଏଥିରେ ବ୍ୟବହାର ହେଉଥିବା ବିଭିନ୍ନ ମସଲା, ତେଲ ଶେଯରେ ଲାଗିବାର ସମ୍ଭାବନା ରହିଥାଏ । ଯେଉଁ କାରଣରୁ କେତେଜଣଙ୍କୁ ଆଲର୍ଜି ହେବାର ଡର ରହିଥାଏ ।

## ଭିନ୍ନ ମନ୍ଦିର ଭିନ୍ନ ଚିକିତ୍ସା





ବିଶ୍ୱରେ ଏମିତି ଅନେକଗୁଡ଼ିଏ ମନ୍ଦିର ଅଛି ଯାହାର ଡିଜାଇନ୍ ଓ ମାନ୍ୟତା ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥାଏ । ଏହି ମନ୍ଦିରଗୁଡ଼ିକ ଅନ୍ୟ କୌଣସି ବି ମନ୍ଦିର ସହିତ ଆଦୌ ମେଳ ଖାଏନାହିଁ । ସେଥିମଧ୍ୟରୁ ଗାଜିଆବାଦରେ ଥିବା କେଶରୀ ମାତା ମନ୍ଦିର ଅନ୍ୟତମ । ଏହି ମନ୍ଦିରରେ ହାତୁଡ଼ିରେ ରୋଗୀମାନଙ୍କର ଚିକିତ୍ସା କରାଯାଇଥାଏ । ଯେଉଁମାନଙ୍କର ପେଟସମସ୍ୟା ଥାଏ ଏବଂ କୌଣସି ଡାକ୍ତରଙ୍କର ଔଷଧ ଫଳପ୍ରଦ ହୁଏନାହିଁ, ସେମାନଙ୍କ ଗୋଡରେ ହାତୁଡ଼ି ପିଟାଯାଏ । ଏଭଳି କରିବା ଦ୍ୱାରା ପେଟ ସମସ୍ୟା ହ୍ରାସ ପାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି । ହାତୁଡ଼ି ମାରି ଚିକିତ୍ସା କରାଯିବା ସହିତ ହୋମୋପାଥିକ ଔଷଧ ମଧ୍ୟ ଦିଆଯାଏ । କେଶରୀ ମାତାଙ୍କ ମନ୍ଦିରରେ ବର୍ଷ ବର୍ଷରୁ ଏହି ପରମ୍ପରା ଚାଲିଆସିଛି । ତେବେ ହାତୁଡ଼ି ମାରିବାର ୫ରୁ ୬ ଦିନ ମଧ୍ୟରେ ରୋଗର ପ୍ରଭାବ କମିଥାଏ ବୋଲି କୁହାଯାଏ ।

ମନେପଡ଼େ

## ବୋଲ୍ଡ ସିନ୍ ପାଇଁ ହୋଇଥିଲା ହତ୍ୟା

ହଲିଉଡ୍ ହେଉ କିମ୍ବା ବଲିଉଡ୍, ସାଧାରଣତଃ ଆମେ ଫିଲ୍ମମାନଙ୍କରେ ଅନେକ ଆକ୍ଟର ଓ ଆକ୍ଟ୍ରେସ୍‌ଙ୍କୁ ବୋଲ୍ଡ ସିନ୍ କରୁଥିବାର ଦେଖିବାକୁ ପାଉ । ହେଲେ ଏହି ବୋଲ୍ଡ ସିନ୍ ଯେ ଦିନେ ସେମାନଙ୍କ ମୃତ୍ୟୁର କାରଣ ପାଲଟିବ, ତାହା କସ୍ମିନକାଳେ କେହି ଭାବିନଥିବେ । ମାତ୍ର ହଲିଉଡ୍‌ର ୮୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ରେବେକା । ସ୍କାଏଫର୍‌ଙ୍କ ସହିତ ଏମିତି ହିଁ ହୋଇଛି । ଜଣେ ଲୋକପ୍ରିୟ ମଡେଲ୍ ଓ ହଲିଉଡ୍ ଆକ୍ଟ୍ରେସ ରୂପେ ରେବେକା ରେଡିଓ ଡେଜ୍, ଆଉଟ୍ ଅଫ୍ ଟାଇମ୍ ଆଦି ଭଳି ଅନେକ ହିଟ୍ ଫିଲ୍ମରେ ନଜର ଆସିଥିଲେ । ଅନେକ ସଂଘର୍ଷ ପରେ ୧୯୮୯ରେ ବ୍ଲାକ୍ କମେଡି ଫିଲ୍ମ ସିନ୍ସ ଫ୍ରମ୍ ଦି କ୍ଲାସ୍ ଷ୍ଟ୍ରଗଲ ଇନ୍ ବେଭର୍ଲି ହିଲ୍ସରୁ ଷ୍ଟାରଡମ୍ ହାସଲ କରିଥିଲେ । କମ୍ ବୟସରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଗଢ଼ିଥିବା ଏହି ଅଭିନେତ୍ରୀଙ୍କ ଜୀବନ ଏଭଳି ଭାବେ ଶେଷ ହୋଇଯିବ, ଏକଥା କେହି ବି ଭାବିନଥିଲେ । ରେବେକାଙ୍କ ଜଣେ ଫ୍ୟାନ୍‌ଙ୍କ ହାତରେ ହିଁ ତାଙ୍କର ଜୀବନ ଯାଇଥିଲା । ଫିଲ୍ମ 'ଗଡ୍‌ଫାଦର ୩' ପାଇଁ ଅଡିସନ୍ ଦେବାର କେଇ ଘଣ୍ଟା ପୂର୍ବରୁ ହିଁ ତାଙ୍କ ଘରେ ତାଙ୍କୁ ହତ୍ୟା କରାଯାଇଥିଲା । ହତ୍ୟାର କାରଣ ଥିଲା ସେ ଗୋଟିଏ ଫିଲ୍ମରେ ବୋଲ୍ଡ ସିନ୍ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ପ୍ରଥମେ ୩ ବର୍ଷ ଧରି ପିଛା କରିବା ସହିତ ଜାସୁସି କରିବା ପରେ ୧୯ ବର୍ଷୀୟ ଏହି ଫ୍ୟାନ୍ ଶେଷରେ ତାଙ୍କ ଘରେ ପହଞ୍ଚି ତାଙ୍କୁ ହତ୍ୟା କରିଥିଲେ । ଖବରଟି ସେତେବେଳେ ହଲିଉଡ୍ ଇଣ୍ଡଷ୍ଟ୍ରିକୁ ସ୍ତବ୍ଧ କରିଦେଇଥିଲା । ଏହି ଅଭିନେତ୍ରୀଙ୍କ ହତ୍ୟା କୌଣସି ସସ୍‌ପେନ୍ସ କ୍ରାଇମ୍ ଥ୍ରିଲର୍ ଫିଲ୍ମଠାରୁ କମ୍ ନଥିଲା । ଜଣେ ଫ୍ୟାନ୍ ନିଜ ରାଗ ପାଇଁ ଏତେ ତଳକୁ ଖସିଯିବା ଦେଖି ଅନ୍ୟ ଆକ୍ଟ୍ରେସ୍ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ତାଙ୍କ ହତ୍ୟା ପରେ ହଲିଉଡ୍‌ରେ ଯେତେ ହଲଚଲ ମଚିଥିଲା ସେତିକି ପରିବର୍ତ୍ତନ ମଧ୍ୟ ହୋଇଥିଲା । ହତ୍ୟାକାରୀ ତାଙ୍କ ଦୋଷ ସ୍ୱୀକାର କରିବା ପରେ କାଲିଫର୍ଣ୍ଣିଆରେ ଆଣ୍ଟି ଷ୍ଟକିଂ ପାଇଁ ନୂଆ ଆଇନ ପ୍ରଣୟନ କରାଯାଇଥିଲା ।





## ହଗ୍ କରି ରେକର୍ଡ

ଗିନିଜ୍ ବିଶ୍ୱ ରେକର୍ଡରେ ନିଜ ନାଁକୁ ସ୍ଥାନିତ କରିବା ଲାଗି ଆଜିକାଲି ଲୋକେ କିଛି ବି କରିବାକୁ ପଶ୍ଚାଦପଦ କରୁନାହାନ୍ତି । ନିକଟରେ ଜଣେ ବ୍ୟକ୍ତି ଏହି ତାଲିକାରେ ନିଜକୁ ସ୍ଥାନିତ କରିବାକୁ ଯାଇ ଅଜବ କର୍ତ୍ତୃତ୍ୱ ପ୍ରଦର୍ଶନ କରିଥିଲେ । ୧୩.୦୩ ସେକେଣ୍ଡ୍ ମଧ୍ୟରେ ଅଷ୍ଟ୍ରେଲିଆର ଜଣେ ବ୍ୟକ୍ତି ୧୦ ଯୋଡ଼ା ଅଣ୍ଡରୱିଅର୍ ବା କଛା ପିନ୍ଧି ବିଶ୍ୱ ରେକର୍ଡ କରିଥିଲେ । ସେହିପରି ବର୍ତ୍ତମାନ ଜଣେ ବ୍ୟକ୍ତି ହଗ୍ କରି ଏହି ତାଲିକାରେ ନିଜକୁ ସାମିଲ କରିଛନ୍ତି । ୧ ମିନିଟ୍ ମଧ୍ୟରେ ୮୮ ଜଣଙ୍କୁ ହଗ୍ ବା ଆଲିଙ୍ଗନ କରି ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି । ଏହି ବ୍ୟକ୍ତିଜଣକ ହେଉଛନ୍ତି ବ୍ରିଟିଶ ଟିଭି ଷ୍ଟାର୍ ସାମ୍ ଥମ୍‌ସନ୍ । ଗିନିଜ୍ ବିଶ୍ୱ ରେକର୍ଡର ଅଫିସିଆଲ୍ ସାଇଟ୍‌ରୁ ଏହି ଭିଡିଓଟି ପୋଷ୍ଟ କରାଯାଇଥିବାବେଳେ ଭିଡିଓଟି ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏହି ଭିଡିଓକୁ ପ୍ରାୟ ୬ ଲକ୍ଷ ଲୋକ ଦେଖିସାରିଛନ୍ତି ।



## ଶକ୍ତିମାନରେ ରଣବୀର

ନବେଦଶକର ସବୁଠାରୁ ପ୍ରିୟ ଟେଲି ଧାରାବାହିକ ଥିଲା 'ଶକ୍ତିମାନ', ଯାହାକୁ ସବୁ ବୟସର ଲୋକ ବେଶ୍ ପସନ୍ଦ କରୁଥିଲେ । ତେବେ ଏହି ଧାରାବାହିକକୁ ନେଇ ବର୍ତ୍ତମାନ ପ୍ରସ୍ତୁତ ହେବାକୁ ଯାଉଛି ଫିଲ୍ମ । ଏହି ଫିଲ୍ମରେ ରଣବୀର ସିଂଙ୍କୁ ଲିଡ୍ ରୋଲରେ ଦେଖିବାକୁ ମିଳିବ । ଫିଲ୍ମର ସୁଟିଂ ୨୦୨୫ରେ ଆରମ୍ଭ ହେବା ନେଇ ସୂଚନା ରହିଛି । ବର୍ତ୍ତମାନ ରଣବୀର ଫିଲ୍ମ 'ସିଙ୍ଘମ ଏଗେନ୍' ସୁଟିଂରେ ବ୍ୟସ୍ତ ଅଛନ୍ତି । ତେବେ ଏହି ନ୍ୟୁଜ ଜଣାପଡିବା ପରେ ରଣବୀରଙ୍କ ଫ୍ୟାନଙ୍କ ସମେତ ଶକ୍ତିମାନ ଚରିତ୍ରର ଫ୍ୟାନମାନେ ବେଶ୍ ଖୁସି ଅଛନ୍ତି । ଶକ୍ତିମାନ ସିରିଏଲକୁ ଦର୍ଶକଙ୍କଠାରୁ ସବୁବେଳେ ଢେର ଭଲପାଇବା ମିଳିଥାଏ । ଶକ୍ତିମାନ ସିରିଏଲ୍‌ର ଚରିତ୍ରକୁ ନେଇ ଅନେକ କ୍ରେଜ୍ ଦେଖିବାକୁ ମିଳିଥାଏ । ତେବେ ବର୍ତ୍ତମାନ ରଣବୀରଙ୍କୁ ଆଗକୁ ଶକ୍ତିମାନ ବ୍ୟତିତ ଦୁଇଟି ପ୍ରୋଜେକ୍ଟ ଯେପରି ଡନ୍-୩, ସିଙ୍ଘମ ଏଗେନ୍‌ରେ ଦେଖିବାକୁ ମିଳିବ । ସିଙ୍ଘମର ସୁଟିଂ ସରିବାପରେ ରଣବୀର ଡନ୍-୩ର ସୁଟିଂ କରିବେ ବୋଲି ସୂଚନା ରହିଛି । ସେହିଭଳି ଶକ୍ତିମାନ ଫିଲ୍ମ ସମ୍ବନ୍ଧରେ ୨୦୨୨ରେ ସୋନି ପିକଚର୍ସ ପକ୍ଷରୁ ଏକ ଭିଡିଓ ଜରିଆରେ ସୂଚନା ଦିଆଯାଇଥିଲା । ଫିଲ୍ମର ବଜେଟ୍ ମଧ୍ୟ ୨୦୦ରୁ ୩୦୦ କୋଟି ହେବ ବୋଲି ଏହି ଭିଡିଓରେ କୁହାଯାଇଥିଲା । ୧୯୯୭ରେ ପ୍ରସାରିତ ହେଉଥିବା ଏହି ଶକ୍ତିମାନ ଶୋ'ରେ ମୁକେଶ ଖନ୍ନା ଶକ୍ତିମାନ ଚରିତ୍ରରେ ନଜର ଆସିଥିଲେ ।

## ହାଃ ହାଃ



ଶିକ୍ଷକ– ପିଲାମାନେ ଏମିତି ଗୋଟେ ବାକ୍ୟ ଶୁଣାଅ, ଯେଉଁଥିରେ ହିନ୍ଦୀ, ଇଂରାଜୀ, ପଞ୍ଜାବୀ, ଉର୍ଦ୍ଦୁ ଭାଷାର ପ୍ରୟୋଗ ହୋଇଥିବ ।

ଗୋଲୁ– ସାର୍... ଉତ୍ତର ହେଉଛି ଇସ୍କ ଦି ଗଲି ୱିଚ୍ ନୋ ଏଣ୍ଟ୍ରି ।

ସାର୍ ବେହୋସ୍ ।

## ଇତିହାସ

୧୮୩୬– ମହାନ ସନ୍ଥ ତଥା ବିଚାରକ ରାମକୃଷ୍ଣ ପରମହଂସଙ୍କ ଜନ୍ମ ।

୧୯୦୫– ଶ୍ୟାମଜୀ କୃଷ୍ଣାବର୍ମା ଲଣ୍ଡନରେ ଇଣ୍ଡିଆ ହୋମ୍‌ରୁଲ୍ସ ସୋସାଇଟିର ସ୍ଥାପନା କଲେ ।

୧୯୪୬– ମୁମ୍ବାଇରେ ରୟାଲ୍ ଇଣ୍ଡିଆନ୍ ନାଭି (ନୌସେନା)ର ବିଦ୍ରୋହ ହେଲା ।

୧୯୫୪– ଲସ୍ ଆଞ୍ଜେଲସ୍‌ରେ ପ୍ରଥମ ଚର୍ଚ୍ଚ ଅଫ୍ ସାଇଣ୍ଟୋଲୋଜିର ସ୍ଥାପନା କରାଗଲା ।

୧୯୭୯– ଆମେରିକା ଭାରତକୁ ୧୬୬୪ କୋଟି ଟଙ୍କାର ଚେକ୍ ଦେଲା, ଯାହାକୁ ସେତେବେଳେ ବିଶ୍ୱର ସବୁଠୁ ବଡ଼ ଚେକ୍ ଆମାଉଣ୍ଟ ବୋଲି କୁହାଯାଏ ।

୧୯୭୯– ସାହାରା ମରୁଭୂମିରେ ଇତିହାସରେ ପ୍ରଥମ ଓ ଶେଷ ବରଫପାତ ହୋଇଥିଲା ।

୧୯୮୯– ଆଫଗାନ ସରକାର ଆପାତକାଳୀନ ସ୍ଥିତି ସମ୍ବନ୍ଧରେ ଘୋଷଣା କଲେ ।

୧୯୯୮– ସି. ସୁବ୍ରମଣ୍ୟମ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ହେଲେ ।

୧୯୯୯– ବସ୍ ସେବା ପ୍ରସଙ୍ଗରେ ଭାରତ ଓ ବାଂଲାଦେଶ ମଧ୍ୟରେ ଚୁକ୍ତି ।

୨୦୦୬– ମହାରାଷ୍ଟ୍ରର ପୋଲ୍‌ଟ୍ରି ଫାର୍ମରେ ଭାରତର ପ୍ରଥମ ଫ୍ଲୁ କେସ୍ ଦେଖିବାକୁ ମିଳିଲା ।

୨୦୦୬– ଭାରତ ଓ ପାକିସ୍ତାନ ମଧ୍ୟରେ ଥାର୍ ଏକ୍ସପ୍ରେସ୍ ଆରମ୍ଭ ହେଲା ।

## ସୋସିଆଲ କୋଟ୍ସ



ମୁଁ କୌଣସି ପ୍ରଫେସନାଲ ସିଙ୍ଗର ନୁହେଁ କେବଳ ଗୀତ ଗାଇବାର ସଉକ ଅଛି । ତେବେ ପୁରୁଣା ଗୀତର ରିମିକ୍ସ ମୋତେ ପସନ୍ଦ ନୁହେଁ । ଏହା ଦ୍ୱାରା ପୁରୁଣା ଗୀତର ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ ।

**ରାଜେସ୍ ଜୈଶ୍, ଅଭିନେତା**



ବର୍ତ୍ତମାନ କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରୀ ଆଉ ଏକ ଲେବଲକୁ ଯିବାକୁ ପ୍ରସ୍ତୁତ । ଦେଶର ଲୋକମାନେ ଆମ ଫିଲ୍ମକୁ ବର୍ତ୍ତମାନ ଢେରସାରା ଭଲ ପାଇବା ଦେବା ଆରମ୍ଭ କରିଛନ୍ତି । ଯାହା ଆମକୁ ଖୁବ ସକରାତ୍ମକତା ପ୍ରଦାନ କରିଛି ।

**ଯଶ, ଅଭିନେତା**



ନେଗେଟିଭ ରୋଲ କରିବା ପରେ ମୋତେ ଧମକ ମଧ୍ୟ ମିଳିଛି । ରଙ୍ଗଭେଦ କାରଣରୁ ଅନେକ ଲିଡ୍ ରୋଲ ମୋତେ ମିଳିନି । ଅନେକ ସଘର୍ଷ କରିଛି କ୍ୟାରିୟରରେ, ମାଆଙ୍କର ମୃତ୍ୟୁ ଦିନ ବି ସୁଟିଂ କରିଛି ।

**ଦିବ୍ୟେନ୍ଦୁ ଭଟ୍ଟାଚାର୍ଯ୍ୟ, ଅଭିନେତା**

## ଧନିଆ ଚିଙ୍ଗୁଡି

**ସାମଗ୍ରୀ–** ୮ରୁ ୧୨ଟି ଚିଙ୍ଗୁଡି, ଗୋଟିଏ ଲେମ୍ବୁ ରସ, ଧନିଆ ପତ୍ର ୨ ବିଡା, ରସୁଣ, ଅଦା, ଗୋଲମରିଚ ଗୁଣ୍ଡ, ଅଧା ଚାମଚ କର୍ଣ୍ଣଫ୍ଲୋର ।

**ପ୍ରଣାଳୀ–** ପ୍ରଥମେ ରସୁଣ, ଅଦା, ଧନିଆ ପତ୍ର, ଲେମ୍ବୁ ରସ ଓ ଅଳ୍ପ ତେଲ ମିଶାଇ ବାଟି ନିଅନ୍ତୁ । ଚିଙ୍ଗୁଡିକୁ ଗୋଟିଏ ପାତ୍ରରେ ନେଇ ଏଥିରେ ଲୁଣ, ଗୋଲମରିଚ ଗୁଣ୍ଡ ଏବଂ ବଟାଯାଇଥିବା ମିଶ୍ରଣକୁ ଗୋଳାଇ ଦିଅନ୍ତୁ । ଏହାକୁ ଭଲ କରି ଗୋଳାଇ ପାଖାପାଖି ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଦିଅନ୍ତୁ । ଏହାପରେ ତେଲ ଗରମ କରି ଏଥିରେ ଚିଙ୍ଗୁଡିକୁ ପକାନ୍ତୁ , ଏହାକୁ ୨ ମିନିଟ୍ ଯାଏଁ ଭାଜନ୍ତୁ । ଏହାପରେ କର୍ଣ୍ଣଫ୍ଲୋରକୁ ପାଣିରେ ମିଶାଇ ଏଥିରେ କଟା ଧନିଆ ପତ୍ର ପକାଇ ପ୍ୟାନରେ ଢାଳନ୍ତୁ । ଅଳ୍ପ ସମୟରେ ପରେ ଏହି ମିଶ୍ରଣ ଧୀରେଧୀରେ ଗାଢା ହେବା ଆରମ୍ଭ କରିବ । ଗାଢା ହୋଇଗଲେ ଏଥିରେ ଗୋଲମରିଚ ଗୁଣ୍ଡ ପକାଇ ଓହ୍ଲାଇ ଦିଅନ୍ତୁ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୫
ତିଥି : ନବମୀ
୧୮ ଫେବୃଆରୀ ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 135
18 Feb 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଖୁବ୍‌ଶୀଘ୍ର ନିର୍ବାଚନ ବିଗୁଲ୍

## ନିରପେକ୍ଷ, ସ୍ୱଚ୍ଛ, ଶୃଙ୍ଖଳିତ ନିର୍ବାଚନକୁ ଗୁରୁତ୍ୱ : ସିଇସି

ଭୁବନେଶ୍ୱର, ୧୭।୨ (ସବ୍ୟୁ) : ଓଡ଼ିଶାରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନକୁ ନିର୍ବିଘ୍ନରେ ପରିଚାଳନ କରିବା ପାଇଁ ଆମେ ସମସ୍ତ ପ୍ରସ୍ତୁତି ପର୍ବ ସାରିଛୁ । ନିର୍ବାଚନରେ ସ୍ୱଚ୍ଛ, ନିରପେକ୍ଷ, ଅପରାଧମୁକ୍ତ ଓ ଶୃଙ୍ଖଳିତ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି । ସମସ୍ତ ରାଜନୈତିକ ଦଳ ପ୍ରତି ସମାନ ମନୋଭାବ ପୋଷଣ କରିବାକୁ ନିର୍ଦ୍ଦେଶ ହୋଇଛି । ଏନେଇ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ । ସମସ୍ତ ମତଦାତା ବହୁ ସଂଖ୍ୟାରେ ମତଦାନ କରିବାକୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି




ସମୀକ୍ଷା ପରେ ଭାରତର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଏହା କହିଛନ୍ତି ।

ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସିଇସି ଶ୍ରୀ କୁମାର କହିଛନ୍ତି, ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ଏଠାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ହେବ ବୋଲି ମୋର ଆଶା । ପୂର୍ବରୁ ସମସ୍ତ ରାଜନୈତିକ ଦଳ ସହିତ ଆଲୋଚନା କରିଛନ୍ତି ସିଇସି । ଏହି ଆଲୋଚନାରେ କିଛି ରାଜନୈତିକ ଦଳ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ (୯ ପୃଷ୍ଠାରେ)

- ସବୁ ଦଳ ପାଇଁ ସମାନ ମନୋଭାବ ପୋଷଣ କର
- ସମସ୍ତ ମତଦାତାଙ୍କୁ ଭୋଟ ଦାନ କରିବାକୁ ଆହ୍ୱାନ
- ପ୍ରାର୍ଥୀଙ୍କ ବିରୋଧରେ ସି-ଭିଜିଲ ଆପରେ କରିପାରିବେ ଅଭିଯୋଗ
- ଅଭିଯୋଗର ୧୦୦ ମିନିଟ ଭିତରେ ହେବ କାର୍ଯ୍ୟାନୁଷ୍ଠାନ
- ସଭା ପାଇଁ ପ୍ରଥମ ଆବେଦନକୁ ପ୍ରଥମେ ମିଳିବ ଅନୁମତି
- ପେଡ୍ ନ୍ୟୁଜ୍ ଉପରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ
- ଇଭିଏମ, ଭିଭିପ୍ୟାଟ ପାଇଁ ରହିବ ତ୍ରିସ୍ତରୀୟ ସୁରକ୍ଷା
- ରାଜନୈତିକ ଦଳ ସମ୍ମୁଖରେ ଖୋଲାଯିବ ଇଭିଏମ
- ରାଜ୍ୟରେ ୩.୩୨ କୋଟି ମତଦାତା ଦେବେ ଭୋଟ୍

### ୧୫ ଜିଲ୍ଲାରେ ୭୩ 'ଆମ ହସ୍ପିଟାଲ' ଲୋକାର୍ପିତ

## ଲୋକଙ୍କୁ ସୁବିଧାରେ ମିଳିବ ସ୍ୱାସ୍ଥ୍ୟସେବା : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୭।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୫ଟି ଜିଲ୍ଲାରେ ୭୩ଟି 'ଆମ ହସ୍ପିଟାଲ', ୫ଟି ଉପଖଣ୍ଡସ୍ତରୀୟ ଡାଏଲେସିସ୍ ସେଣ୍ଟର ଲୋକାର୍ପଣ କରିବା ସହିତ

**ଜଗତସିଂହପୁର ଜିଲ୍ଲା ହସ୍ପିଟାଲକୁ ୫.୮୦ ଏକର ଜମି ଦିଆଯିବ : ୫-ଟି ଅଧ୍ୟକ୍ଷ**

ରାଜ୍ୟର ସମସ୍ତ ଜିଲ୍ଲା। ସଦରମହକୁମା ଡାକ୍ତରଖାନାରେ ଆଇଭିଆର୍‌ଏସ୍ ପଦ୍ଧତିରେ ରୋଗୀ ମତାମତ ସଂଗ୍ରହ ବ୍ୟବସ୍ଥା ଓ କର୍ମଚାରୀମାନଙ୍କର ମୁହଁ ଚିହ୍ନଟ ମାଧ୍ୟମରେ ଉପସ୍ଥାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ (୯ ପୃଷ୍ଠାରେ)

## ପାଚିକାମାନଙ୍କ ପାରିଶ୍ରମିକ ୨ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୭।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନାରେ ପାଚିକା ତଥା ସହାୟିକା ଭାବରେ କାମ କରୁଥିବା କର୍ମଚାରୀମାନଙ୍କ ପାରିଶ୍ରମିକ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି । ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ରାଶି ୧,୪୦୦ ଟଙ୍କା ରୁ ୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହା ଦ୍ୱାରା ରାଜ୍ୟର ମୋଟ ୫୫ ହଜାର ସ୍କୁଲରେ କାମ କରୁଥିବା ପାଚିକା ଓ ସହାୟିକା ଉପକୃତ ହେବେଛ ଏଥି ପାଇଁ ରାଜ୍ୟ ସରକାର ବର୍ଷକୁ ୭୪ କୋଟି ଟଙ୍କା ଖର୍ଚ୍ଚ କରିବେ ।

ଏହା ସହିତ ପାଚିକା ଏବଂ ସହାୟିକା ଯଦି ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ (୯ ପୃଷ୍ଠାରେ)

## ରେଳଷ୍ଟେସନ ନିକଟରେ ୪ ମୃତଦେହ

ସୁନ୍ଦରଗଡ଼, ୧୭।୨ (ସବ୍ୟୁ) : ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲ୍ଲାର ଚକ୍ରଧରପୁର ରେଳ ବିଭାଗର ତାଲାବୁରୁ ଏବଂ କେନ୍ଦୋପୋସି ରେଳ ଷ୍ଟେସନ ନିକଟରେ ଚାରି ଜଣଙ୍କ ମୃତଦେହ ଦେଖିବା ପରେ ଏହି ଅଞ୍ଚଳରେ ଆତଙ୍କର ମାହୋଲ୍ ଖେଳି ଯାଇଛି । ଦୁଇଟି ମୃତଦେହକୁ ଅଖା ଭିତରେ ସିଲ୍ କରାଯାଇଛି ଓ ଦୁଇ ଶିଶୁଙ୍କୁ ବାହାରେ ପକାଯାଇଛି। ଏହା ଏକ ଦୁର୍ଘଟଣା କି ସେମାନଙ୍କୁ ହତ୍ୟା କରାଯାଇଛି ଏବଂ ସେମାନଙ୍କ ମୃତଦେହକୁ ଟ୍ରାକରେ ଫୋପାଡ଼ି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା କୁହାଯାଉଛି। ମୃତଦେହ ଦେଖିବା ପରେ ଟ୍ରାକରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା । ଏହି ଚାରି ଜଣଙ୍କର (୯ ପୃଷ୍ଠାରେ)

## କୃଷକ ସାଥିଙ୍କ ଆବଶ୍ୟକୀୟ ଖର୍ଚ୍ଚ ପରିମାଣ ୬ ହଜାର ବଢ଼ିଲା

ଭୁବନେଶ୍ୱର, ୧୭।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର କୃଷକ ସାଥି ମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ରାଶିର ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି । ସେମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ପରିମାଣ ବର୍ଷକୁ ୧୨ ହଜାର ଟଙ୍କାରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ରାଜ୍ୟର ୧୩,୬୦୦ କୃଷକ ସାଥି ଉପକୃତ ହେବେ । ଏହି ବର୍ଦ୍ଧିତ ପରିମାଣ ପିଛିଲା ଭାବେ ଅକ୍ଟୋବର ୨୦୨୩ରୁ ଲାଗୁ ହେବ ।

ସୂଚନାଯୋଗ୍ୟ ଯେ କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟ ସରକାର ୨୦୦୭-୨୦୦୮ ମସିହାରେ ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କୁ କୃଷକ ସାଥି ଭାବେ ନିଯୁକ୍ତି ଦେଇଥିଲେ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଦୁଇ ଜଣ ଲେଖାଏ କୃଷକ ସାଥି କାମ କରୁଛନ୍ତି । କୃଷକ ସାଥିମାନେ କୃଷି କାର୍ଯ୍ୟ ସଂପର୍କିତ ବିଭିନ୍ନ ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ସହିତ ଆବଶ୍ୟକ ପରାମର୍ଶ ମଧ୍ୟ ଦେଇଥାନ୍ତି ।

## ଗୁଲଜାର, ଜଗତଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ

ନୂଆଦିଲ୍ଲୀ, ୧୭।୨ : ପ୍ରସିଦ୍ଧ ଉର୍ଦ୍ଦୁ କବି ଗୁଲଜାର ଓ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିବ । ଗୁଲଜାର ହେଉଛନ୍ତି ଜଣେ ପ୍ରସିଦ୍ଧ ଉର୍ଦ୍ଦୁ କବି । ସେ ଅନେକ ହିନ୍ଦୀ ଫିଲ୍ମରେ ସଂଗୀତ ଲେଖିଛନ୍ତି । ୫୮ତମ ଜ୍ଞାନପୀଠ ପୁରସ୍କାର ତାଙ୍କୁ ପ୍ରଦାନ କରାଯିବ । ଶନିବାର ଜ୍ଞାନପୀଠ ଚୟନ କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି । ଗୁଲଜାର ମଧ୍ୟ କିଛି ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ଚଳଚ୍ଚିତ୍ର ପାଇଁ ଅନେକ ପୁରସ୍କାର ପାଇଛନ୍ତି । ୨୦୦୪ରେ ତାଙ୍କୁ ପଦ୍ମଭୂଷଣ, ୨୦୧୩ରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ମିଳିଥିଲା । ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ହେଉଛନ୍ତି ଚିତ୍ରକୁଟସ୍ଥିତ ତୁଳସୀ ପୀଠର ପ୍ରତିଷ୍ଠାତା ଓ ମୁଖ୍ୟ । ଜଣେ ପ୍ରସିଦ୍ଧ ହିନ୍ଦୁ ଧାର୍ମିକ ଗୁରୁ, ସଂସ୍କୃତ ବିଦ୍ୱାନ ଓ ୧୦୦ରୁ ଅଧିକ ପୁସ୍ତକ ଲେଖିଛନ୍ତି ଓ ୨୨ଟି ଭାଷାରେ କଥାବାର୍ତ୍ତା ହୋଇପାରନ୍ତି ।



### ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ

# ଚୌଦ୍ୱାରରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ




**ଆଜି ଚୌଦ୍ୱାର ତାର ହୃତଗୌରବ ଫେରି ପାଇଛି : ମୁଖ୍ୟମନ୍ତ୍ରୀ**
**ବୟନଶିଳ୍ପ ପାଇଁ ୬୫୦ ପରିବାରର ସମସ୍ୟା ଦୂର ହେବ : ୫-ଟି ଅଧ୍ୟକ୍ଷ**
**୩୦୦୦ କୋଟି ଟଙ୍କା ପୁଞ୍ଜିନିବେଶ, ୧୦ ହଜାର ନିଯୁକ୍ତି ସୁଯୋଗ**
**ଦକ୍ଷିଣ ଓ ପଶ୍ଚିମ ଓଡିଶାର କପା ଚାଷୀମାନେ ହେବେ ଉପକୃତ**

ଭୁବନେଶ୍ୱର/କଟକ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଚୌଦ୍ୱାରରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କରିଛନ୍ତି । ଏହା ସହିତ ଚୌଦ୍ୱାରରେ ଆରମ୍ଭ ହୋଇଛି ଶିଳ୍ପାୟନ ପୁର୍ନବିକାଶର ଏକ ଗୌରବମୟ ଅଧ୍ୟାୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଚୌଦ୍ୱାର ପାଇଁ ବହୁତ ଖୁସିର ଦିନ। ଚୌଦ୍ୱାର ଆଜି ତାର ଗୌରବ ଫେରି ପାଇବାକୁ ଯାଉଛି। ପଚାଶ ଦଶକର ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ । ଆଜି ପୁଣି ଥରେ ଚୌଦ୍ୱାର ପାଇଁ, କଟକ ଜିଲ୍ଲା ଓ ଓଡିଶା ପାଇଁ ଶିଳ୍ପ କ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା। ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୱେଲସ୍ପନ ଗ୍ରୁପ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ। ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରୁଛି। ଏଥିପାଇଁ କମ୍ପାନୀ ୩,୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଏହା ଦ୍ୱାରା ପ୍ରତ୍ୟେକ୍ଷ ଭାବେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ବ୍ୟାପାର କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ। ୨୦୨୨ ମେକ-ଇନ୍-ଓଡିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ୍ ପକ୍ଷରୁ ଏକ ଟିମ୍ ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡିଶାରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଶିଳ୍ପ ଦ୍ୱାରା ଆମର କଳାହାଣ୍ଡି, ବଲାଙ୍ଗୀର, ରାୟଗଡା ଓ ଗଜପତି ପରି ଜିଲ୍ଲାର କପା ଚାଷୀ ମାନେ ମଧ ଉପକାର ପାଇବେ। ବୟନ ଶିଳ୍ପରେ ମା ମାନଙ୍କ ପାଇଁ ବହୁତ ସୁଯୋଗ ଅଛି ବୋଲି ମତ ଦେଇଥିଲେ । ଚୌଦ୍ୱାରରେ ଏହି କମ୍ପାନୀ ପୁଞ୍ଜିନିବେଶ ଓ ନିଯୁକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବ। ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡିଶାରେ ପୁଞ୍ଜି ବିନିଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

ସଭା ପ୍ରାରମ୍ଭରେ ଚୌଦ୍ୱାରବାସୀ, ଚୌଦ୍ୱାର-କଟକ ଉନ୍ନୟନ ପରିଷଦ, ଓଟିଏମ୍ ଶ୍ରମିକ ଉନ୍ନୟନ ସଙ୍ଗଠନ, ଚୌଦ୍ୱାର ଦଶହରା ପୂଜା କମିଟି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ ଏତେବଡ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି. କେ. ଗୋଏଙ୍କା କହିଲେ ଯେ ଗତ ୨୦ ବର୍ଷ ମଧ୍ୟରେ ଓଡିଶାରେ ବ୍ୟାପକ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ କଠିନ ପରିଶ୍ରମ ଯୋଗୁ ଆଜି ଓଡିଶାରେ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଛି ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମ ସମ୍ପର୍କରେ ମଧ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଲେ ଯେ ଚୌଦ୍ୱାର ହେଉଛି ଓଡିଶାର ପ୍ରଥମ ଶିଳ୍ପ ନଗରୀ। ଆଜି ପୁଣି ଥରେ ଏହା ବିକାଶ ପଥରେ ଅଗ୍ରସର ହେଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ମତ ବିନିମୟ କରି ବିଭିନ୍ନ ଯୋଜନାର ବର୍ଦ୍ଧିତ ଭତ୍ତା ସହ ଅନ୍ୟାନ୍ୟ ନୂଆ ଯୋଜନା, ଉନ୍ନତିକରଣ ସଂପର୍କରେ ଆଲୋଚନା କରିଥିଲେ। ଏହି ସମାବେଶରେ ୩୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ୱେଲସ୍ପନ ଗ୍ରୁପ ଅଫ କମ୍ପାନୀର ଏମ୍ଡି ରାଜେଶ ମାଣ୍ଡୱେୱାଲା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ପ୍ରତାପ ଜେନା, ବିଧାୟକ ଚନ୍ଦ୍ର ସାରଥୀ ବେହେରା, ବିଧାୟକ ପ୍ରମୋଦ ମଲ୍ଲିକ, ବିଧାୟକ ପ୍ରଶାନ୍ତ ବେହେରା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଏମ୍‌ସିର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍

# ବିଏମ୍‌ସିର ସର୍ବକାଳୀନ ରେକର୍ଡ ୧୦୨୭ କୋଟି

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଶନିବାର ବଜେଟ୍ ଅଧିବେଶନ ଅନୁଷ୍ଠିତ ହୋଇଛି । ଏହି ସ୍ୱତନ୍ତ୍ର ଅଧିବେଶନରେ ୧୦୨୭ କୋଟି ଟଙ୍କାର ବେଜଟ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ବିଏମ୍‌ସି ଇତିହାସରେ ଏହା ଏକ ସର୍ବକାଳୀନ ରେକର୍ଡ ବଜେଟ୍ । ପୂର୍ବ ଆର୍ଥିକ ବର୍ଷଗୁଡିକରେ କେବେ ହେଲେ ୧୦୦୦ କୋଟି ଟଙ୍କା ଅତିକ୍ରମ କରିନଥିଲା । ଆଗାମୀ ଆର୍ଥିକ ବର୍ଷରେ ଏହା ୧୦୨୭ କୋଟି ଟଙ୍କାର ଏକ ବଳକା ବଜେଟ୍ ପ୍ରସ୍ତୁତ କରାଯାଇଛି । ଏହା ଏକ ଲୋକାଭିମୁଖୀ ଏବଂ ସବୁ ବର୍ଗର ନାଗରିକଙ୍କୁ ସୁହାଇଲା ଭଳି ବଜେଟ୍ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । କୋଟି, ୱାର୍ଡ ଅଫିସ ନିର୍ମାଣ ପାଇଁ ୨୧ କୋଟି, ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ ୨୫.୫୧ କୋଟି ସହ ଯାନବାହାନ କ୍ରୟ,ପାନୀୟ ଜଳ, ଆଲୋକକୀକରଣଏବଂ ଅନ୍ୟାନ୍ୟ ମୌଳିକ କାର୍ଯ୍ୟକୁ ଗୁରୁତ୍ୱ ଦେଇ ୧୫୧୪.୪୫ କୋଟି ଟଙ୍କାର ଏକ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରାଯାଇଛି । ସେହିପରି ରାଜସ୍ୱ ବ୍ୟୟ ୫୮୦.୪୭କୋଟି, ପୁଞ୍ଜିଭୁକ୍ତ ବ୍ୟୟ ୪୪୭.୦୮ କୋଟି ଏବଂ ବର୍ଷ ଶେଷକୁ ୪୮୬.୯୦ କୋଟି ଟଙ୍କା ବଳକା ଅର୍ଥ ଅଟକଳ କରାଯାଇଛି । ଆଜିର ଏହି ସ୍ୱତନ୍ତ୍ର ଅଧିବେଶନରେ କମିଶନର ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିବା ବେଳେ




ବିଏମସି ସୁପରିଚାଳନା ପାଇଁ ୧୦୫.୯୬ କୋଟି, ପରିମଳ ଓ ବର୍ଜ୍ୟ ସଂଗ୍ରହ ପାଇଁ ୧୧୧.୧୯ କୋଟି, ଏକାମ୍ର ଯୋଜନା ପାଇଁ ୧୧୩ କୋଟି, ଭୂମି ଅଧିଗ୍ରହଣ ପାଇଁ ୫୦ କୋଟି, ପେଭର ବ୍ଲକ ରାସ୍ତା ନିର୍ମାଣ ପାଇଁ ୧୭.୭୨ କୋଟି, ଡ୍ରେନ ନିର୍ମାଣ ଓ ଉନ୍ନତିକରଣ ପାଇଁ ୯୧.୪୭ ଆର୍ଥିକ ବର୍ଷ ୨୦୨୩-୨୪ ଶେଷରେ ୬୩୨.୯୬ କୋଟି ଟଙ୍କା ବଳକା ଅର୍ଥ ରହିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜସ୍ୱ ଆୟ ୫୮୧.୨୮ କୋଟି, ପୁଞ୍ଜିଭୁକ୍ତ ଆୟ ୩୦୦ କୋଟି ଏପରି ମୋଟ ୧୫୧୪. ୪୫ କୋଟି ଟଙ୍କା ଆୟ ଆକଳନ କରାଯାଇଛି । ମେୟର ବଜେଟର ମୁଖ୍ୟାଂଶ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପୂର୍ବତନ ବିତ୍ତ ଅଧିକାରୀ ଲାବଣ୍ୟ ଶବର ବଜେଟ୍‌ର ବିସ୍ତୃତ ବିବରଣୀ ପାଠ କରିଥିବା ବେଳେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପରିଚାଳନା କରିଥିଲେ ।

# ଓଡିଶା ସରକାରୀ ପଲିଟେକନିକ କ୍ୟାଡ଼ରର ପୁନର୍ଗଠନ

କଟକ (ସବ୍ୟୁ):ଅପେକ୍ଷା ର ଅନ୍ତ ଘଟିଛି । ବହୁଦିନର ପ୍ରତୀକ୍ଷା ପରେ ପୃଥକ ପାହ୍ୟା ଦାବି ସହିତ ୮୫ ମସିହାରୁ ପଲିଟେକନିକ୍ ଅନୁଷ୍ଠାନ ରେ ପରିଚାଳିତ ହେଉଥିବା କ୍ୟାଡ଼ର ର ପୁର୍ନଗଠନ ଶୁକ୍ରବାର ରାଜ୍ୟ ସରକାର କ୍ୟାବିନେଟ ରେ ଅନୁମୋଦନ କରିଛନ୍ତି । କ୍ୟାବିନେଟ ଘୋଷଣା ପ୍ରକାଶ ପାଇବା ପରେ ଓଡିଶା ପଲିଟେକନିକ ସଂଘର ପ୍ରତେକ ସଦସ୍ୟ ଏବଂ ସଦସ୍ୟା ଙ୍କ ମନରେ ଆନନ୍ଦ ର ଲହରୀ ଖେଳିଯାଇଛି । ସମଗ୍ର ରାଜ୍ୟ ର ସରକାରୀ ପଲିଟେକନିକ ଅନୁଷ୍ଠାନ ମାନଙ୍କ ର ବରିଷ୍ଠ ଏବଂ କନିଷ୍ଠ ଅଧାପିକା ଏବଂ ଅଧାପକ ମାନେ ଆଜିର ଏ ଦିନକୁ ଐତିହାସିକ ଏବଂ ସ୍ମରଣୀୟ ଦିବସ ରୂପେ ବିବେଚନା କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହାକୁ ସାକାର କରିବାରେ ପ୍ରମୁଖ ବିନ୍ଧାଣୀ ଭୂମିକା ଗ୍ରହଣ କରିଥିବା ଫାଇଭ ଟି ଏବଂ ନବୀନ ଓଡିଶା ଅଧକ୍ଷ କାର୍ତିକ ପାଣ୍ଡିଆନ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଦକ୍ଷ୍ୟତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁ,ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲାମନୋଜ ରାୟ, ରବୀନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ର ଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ଐତିହାସିକ ମୁହୂର୍ତ୍ତ ର ଶ୍ରେୟ ସରକାରୀ ପଲିଟେକନିକ୍ ଅନୁଷ୍ଠାନ ର ବରିଷ୍ଠ ଏବଂ କନିଷ୍ଠ ଅଧାପିକା ଏବଂ ଅଧାପକ ମାନଙ୍କ ର ଅକ୍ଳାନ୍ତ ପରିଶ୍ରମ ଏବଂ ଧୈର୍ଯ୍ୟ ଦ୍ୱାରା ସମ୍ଭବ ହେଲା ବୋଲିସଙ୍ଘର ସଭାପତିସୁଧାଂଶୁ ପୁହାଣ (ଇଲେକ୍ଟ୍ରୋନିକ୍ସ ଅଧାପକ) ଏବଂ ସାଧାରଣ ସମ୍ପାଦକ ଚିନ୍ମୟ ପଣ୍ଡା (ପ୍ରଦାର୍ଥ ବିଜ୍ଞାନ ଅଧାପକ ) ଙ୍କ ମତପ୍ରକାଶ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଲିଟେକନିକ୍ ସଂଘର କର୍ମକର୍ତ୍ତା ମାନେ ବୈଷୟିକ ଶିକ୍ଷା ବିଭାଗ ର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି ।

# ଜବରଦଖଲ ଉଚ୍ଛେଦ ବେଳେ ଆତ୍ମହତ୍ୟା ଉଦ୍ୟମ କଲେ ମହିଳା

ଖୋର୍ଦ୍ଧା (ସବ୍ୟୁ): ସରକାରୀ ଯାଗା ଜବର ଦଖଲ ସମୟ ରେ ବିଷ ପିଇଲେ ମହିଳା। ଏଭଳି ଏକ ଅପ୍ରୀତିକର ପରିସ୍ଥିତି ଘଟିଛି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗାଁ ରେ। ସେଇ ଗାଁ ର କୃଷ୍ଣଚନ୍ଦ୍ର ପାଟସାଣି କିଛି ବର୍ଷ ଧରି ସରକାରୀ ଜାଗା ଜବର ଦଖଲ କରି ରହୁଥିଲେ। ଏ ସମ୍ପର୍କ ରେ ସରକାରୀ ଅଧିକାରୀ ହାଇକୋର୍ଟ ଆଦେଶ ପାଳନ କରିବାକୁ ଆଜି ଅବରୋଧ ଜାଗା ଉଛେଦ କରିବାକୁ ସ୍ଥାନୀୟ ତହସିଲଦାର ତାପସ ବିଶି ଓ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପୁଲିସ ବଳ ସହ ପହଁଚି ବିବାଦୀୟ ଜମି ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ । ଉଚ୍ଛେଦ ସମୟରେ କୃଷ୍ଣଙ୍କ ପତ୍ନୀ ମିତା ପାଟସାଣୀ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଖୋର୍ଦ୍ଧା ଏସଡିପିଓ, ବେଗୁନିଆ ତହସିଲଦାର ଗୁରୁତର ଅବସ୍ଥାରେ ମିତା କୁ ଆଣି ଖୋର୍ଦ୍ଧା ମେଡିକାଲ୍ ରେ ଭର୍ତି କରିଥିଲେ। ମିତା ର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିଲେ ମଧ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ପଠାଯାଇଛି ବୋଲି ପୁଲିସ ସୂତ୍ରରୁ ଜଣାଯାଇଛି ।

# ପୋଲିସ ହାଇସ୍କୁଲରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ

କଟକ (ସବ୍ୟୁ): ତୁଳସୀପୁରସ୍ଥିତ ଓଡିଶା ପୋଲିସ ହାଇସ୍କୁଲ ୫-ଟି କାର୍ଯ୍ୟକ୍ରମ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଆଜି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏଥିରେ ସଭାପତିତ୍ୱ କରିଥିଲେ । ଜିଲ୍ଲାର ୧୪ଟି ବ୍ଲକରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬୨୨ଟି ପୁରସ୍କାର ପ୍ରଦାନ କରାଯାଇଥିଲା । ଗ୍ରାମପାୟତ ପୁରସ୍କାର, ଛାତ୍ର ଶିକ୍ଷା, ଛାତ୍ର ନେତୃତ୍ୱ, ବିଦ୍ୟାଳୟ, ପ୍ରଧାନଶିକ୍ଷକ ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା । ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସିଏମସି ମେୟର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ରାଜ ଯୋଗିନୀ ଗୀତାଞ୍ଜଳି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦିପ୍ତିମୟୀ ଶୁଭଦର୍ଶିନୀ, ସୋନାମିକା ରାୟ, ଡ. ସନ୍ତୋଷ ରାଉତ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ନନ୍ଦ ପ୍ରମୁଖ ଏଥିରେ ଅତିଥି ଭାବରେ ଯୋଗଦେଇଥିଲେ । ଖାନନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମ ଅଧିବେଶନରେ ହାସ୍ୟାଭିନେତା ଶଙ୍କର୍ଷଣ ପ୍ରଧାନ, ସଂଗୀତଜ୍ଞ ବିଶ୍ୱନାଥ ମିଶ୍ର, ବିଷ୍ଣୁମୋହନ କବି, ସାଗରିକା ମିଶ୍ର, ଦେବସ୍ମିତା ମିଶ୍ର ଓ ଚନ୍ଦ୍ରଭାନୁ ନାୟକଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଜାତା ବେହେରା ଧନ୍ୟବାଦ ଦେଇଥିଲେ।

### ମୃତ୍ତିକା ଓ ଜଳ ସଂରକ୍ଷଣ ନିମନ୍ତେ

# ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରକୁ ସିଏସଆର ଏଣ୍ଡ ସଷ୍ଟେନେବିଲିଟି ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ସିଏସଆର କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)କୁ ସିଏସଆର ଏଣ୍ଡ ସଷ୍ଟେନେବିଲିଟି ପୁରସ୍କାର ୨୦୨୪ରେ ସମ୍ମାନିତ କରାଯାଇଛି । ନାବାର୍ଡ ସହଭାଗିତାରେ କାର୍ଯ୍ୟକରି ହେଉଥିବା ସମନ୍ୱିତ ଜଳସେଚନ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ଓଡିଶାର ଅନୁଗୁଳରେ କୃଷକଙ୍କ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଳ ସଂରକ୍ଷଣ ଏବଂ ପରିଚାଳନା ବର୍ଗରେ ଜେଏସପିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

୧୫ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ଇମ୍ପାକ୍ଟଫୁଲ୍ ସଷ୍ଟେନେବଲ୍ ବିଜିନେସ ପ୍ରାକ୍ଟିସ ନ୍ୟାସନାଲ କନକ୍ଲେଭରେ ଜେଏସପିର ଏକ ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ମହିଳା କମିସନ ଅଧ୍ୟକ୍ଷା ରେଖା ଶର୍ମା, ଲାଲ ବାହାଦୁର ଶାସ୍ତ୍ରୀ ଫାଉଣ୍ଡେସନର ସଭାପତି ସୁନୀଲ ଶାସ୍ତ୍ରୀ, ବରିଷ୍ଠ ରାଜନେତା ଡକ୍ଟର ବିଜୟ ଜଲି ଏବଂ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ବିଶିଷ୍ଟ




ଶିଳ୍ପପତି ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ନିଜ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଦୁଇଟି ଜଳଛାୟା ପ୍ରକଳ୍ପ ବିକାଶ ତଥା ପରିଚାଳନା କରି ଅନୁଗୁଳ ଜିଲ୍ଲାର ତୁବେ, ମରାତିରା, କୁଲେଇ, ଦେରଜଙ୍ଗ ଏବଂ ମାଧିଆମୁଣ୍ଡା ଗ୍ରାମରେ ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ କୃଷି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛି । ଜେଏସପି ଫାଉଣ୍ଡେସନ ଦ୍ୱାରା କାର୍ଯ୍ୟକରି ହେଉଥିବା ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ୪୦୦୦ରୁ ଅଧିକ ଚାଷୀ ପରିବାରଙ୍କ ଜୀବନଧାରଣ ମାନରେ ଉନ୍ନତି ହୋଇପାରିଛି । ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ମୃତ୍ତିକା କ୍ଷୟ ହ୍ରାସ ଏବଂ ଭୂତଳ ଜଳ ସ୍ତର ବୃଦ୍ଧି ସହିତ କୃଷି ଉତ୍ପାଦନ ଏବଂ ଚାଷୀମାନଙ୍କ ରୋଜଗାର ବଢାଇବାରେ ସହାୟକ ହୋଇ ପାରିଛି । ଏହି ଅବସରରେ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି ଯେ, ଆମେ ଜେଏସପିରେ ସ୍ଥାନୀୟ ଲୋକମାନଙ୍କ ଜୀବନରେ ଗୁଣାତ୍ମକ ବିକାଶ ପାଇଁ ପରିବେଶର ନିରନ୍ତର ଉନ୍ନତିରେ ବିଶ୍ୱାସ କରୁ ।

# ବରିଷ୍ଠ ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ବିଶ୍ୱକେଶ ତ୍ରିପାଠୀଙ୍କ ପରଲୋକ



ଭୁବନେଶ୍ୱର (ସବ୍ୟୁ): ଆତଙ୍କବାଦୀ ସ୍ପେଶାଲିଷ୍ଟ ତଥା ଅବସରପ୍ରାପ୍ତ ଆଇପିଏସ ଅଫିସର ବିଶ୍ୱକେଶ ତ୍ରିପାଠୀଙ୍କର ପରଲୋକ ହୋଇଯାଇଛି । ଶନିବାର ପ୍ରତ୍ୟୁଷରେ ଭୁବନେଶ୍ୱର ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଝିଅ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୋଲିସ ସେବାର ଅନେକ ଅବସରପ୍ରାପ୍ତ ଅଧିକାରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ୧୯୫୪ରେ ଭାରତୀୟ ପୋଲିସ ସେବା (ଆଇପିଏସ)ରେ ଯୋଗ ଦେଇଥିବା ସ୍ୱର୍ଗତ ତ୍ରିପାଠୀ ଥିଲେ ଦେଶର ଜଣେ ଦକ୍ଷ ଓ କଠୋରପନ୍ଥୀ ପୋଲିସ ଅଫିସର । ନିଜ କ୍ୟାରିୟରରେ ଦୁଇଟି ପୋଲିସ ସେବା ଏବଂ ସିଆରପିଏଫ ଓ ବିଏସଏଫ ପରି ଦୁଇଟି ପାରାମିଲିଟାରୀ ଫୋର୍ସରେ ସେ କାର୍ଯ୍ୟ କରିଥିଲେ । ୧୯୬୦-୬୩ ମସିହାର ନାଗାବିଦ୍ରୋହ, ୧୯୬୯-୭୧ ମଧ୍ୟରେ ସଂଗଠିତ ଆନ୍ଧ୍ରପ୍ରଦେଶର ତେଲେଙ୍ଗାନା ହିଂସା, ଗୁଜୁରାଟର ନବନିର୍ମାଣ ଆନ୍ଦୋଳନ, ପାବୀସୁବା ଆନ୍ଦୋଳନ, କୋଲକାତାର ନକ୍ସଲ ଆତଙ୍କବାଦ ଓ ୧୯୮୩-୮୪ମଧ୍ୟରେ ଖଲିସ୍ତାନୀ ଆନ୍ଦୋଳନକୁ ପ୍ରତିହତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସାହିତ୍ୟ କ୍ଷେତ୍ରରେ ମଧ ସ୍ୱର୍ଗତ ତ୍ରିପାଠୀ ନିଜର ଛାପ ଛାଡି ଯାଇଛନ୍ତି । ଓଡିଆଭାଷାରେ ୬ଟି ପୁସ୍ତକ,୬ଟି କ୍ଷୁଦ୍ର କବିତାସଂକଳନ, ଇଂରାଜୀ ଭାଷାରେ କୋଣାର୍କ ଉପରେ ଏକ ବୃହତ କବିତା ସଂକଳନ ଏବଂ ଭାରତରେ ଆତଙ୍କବାଦ ଓ ବିଦ୍ରୋହ ସମ୍ପର୍କରେ ଏକ ପୁସ୍ତକ ମଧ ରଚନା କରିଥିଲେ ।

# ଅନ୍‌ମୋଲ ଇଣ୍ଡିଆ ଲିମିଟେଡର ରାଜସ୍ୱରେ ୫.୬୦% ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ): ଯୋଗାଣ ଶୃଙ୍ଖଳା ପରିଚାଳନା ଶିଳ୍ପ, ସାମଗ୍ରୀ କାରବାର ଓ କୋଇଲା ଆମଦାନୀ କ୍ଷେତ୍ରର ଅନ୍ୟତମ ଅଗ୍ରଣୀ ସଂସ୍ଥା ଅନ୍‌ମୋଲ ଇଣ୍ଡିଆ ଲିମିଟେଡ ୨୦୨୩-୨୪ ଆର୍ଥିକ ବର୍ଷର ୧ମ ୯ ମାସ ଓ ୩ୟ ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଏହାର ପରିଚାଳନାରୁ ମିଳିଥିବା ରାଜସ୍ୱ ୫.୬୦% ବୃଦ୍ଧି ହୋଇ ୧୦୯୮.୩୬ କୋଟି ଟଙ୍କା ରହିଛି ଯାହା ଗତବର୍ଷ ଏହି ଅବଧିରେ ୧୦୪୦.୧୦ କୋଟି ଟଙ୍କା ଥିଲା। ଏହାଛଡା ଏବିଟଡା ୨୯.୨୮% ବୃଦ୍ଧି ହୋଇ ୩୪.୭୫ କୋଟି ଟଙ୍କା ରହିଛି ଯାହା ଗତବର୍ଷ ସମାନ ଅବଧିରେ ୨୬.୮୮ କୋଟି ଟଙ୍କା ଥିଲା। ଏହି ୯ମାସରେ କମ୍ପାନୀ ଟିକସ ପରବର୍ତୀ ଲାଭ (ପିଏଟି) ୧୯.୪୦% ବୃଦ୍ଧି ହୋଇ ୧୬.୯୯ କୋଟି ଟଙ୍କା ରହିଛି। ଏହି ଫଳାଫଳ ସମ୍ପର୍କରେ କମ୍ପାନୀର ମ୍ୟାନେଜ୍‌ମେଂଟ ପକ୍ଷରୁ କୁହାଯାଇଛି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ସହିତ ଆମେ ଆମର ସମସ୍ତ ବ୍ୟବସାୟରେ ପରିଚାଳନା ଉତ୍କର୍ଷତା ଓ ଉନ୍ନତ ଲାଭ ପ୍ରତି ପ୍ରତିବଦ୍ଧ ରହିଛୁ। ବିଦ୍ୟମାନ ବଜାର ଆହ୍ୱାନ ସତ୍ତ୍ୱେ ଆମର ବ୍ୟବସାୟିକ ମୌଳିକତାଗୁଡିକ ଦୃଢ ଓ ସ୍ଥିର ରହିଛି।

# ସୋଆରେ 'ସ୍କେଲର୍ଜ-୨୦୨୪' ଆୟୋଜିତ




ଭୁବନେଶ୍ୱର (ସବ୍ୟୁ): ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ନଏଣ୍ଟିତ ଭାବେ ଗୁରୁତ୍ୱପୂର୍ଣ୍ଣ ଅଟେ ମାତ୍ର ବିଭିନ୍ନ କମ୍ପାନୀ ଗୁଡ଼ିକ ନିଯୁକ୍ତି ଦେବା ସମୟରେ ସେହିପରି ବ୍ୟକ୍ତିମାନଙ୍କୁ ଚାହିଁଥାନ୍ତି ଯେଉଁମାନଙ୍କର ମନୋଭାବ ସକାରାତ୍ମକ ଓ ଚିନ୍ତାଧାରା ନିଷ୍ପତ୍ତିମୂଳକ ହୋଇନଥାଏ। ଏହାଛଡ଼ା ସେମାନଙ୍କର ଅନ୍ୟମାନଙ୍କ ସହ ଉତ୍ତମ ଭାବେ ଭାବର ଆଦାନ ପ୍ରଦାନ କରିବାର କ୍ଷମତା ଥିବା ଆବଶ୍ୟକ ବୋଲି ଜେନପ୍ୟାକ୍ଟ ସଂସ୍ଥାର ଆସିଷ୍ଟାଂଟ ଭାଇସ ପ୍ରେସିଡେଣ୍ଟ (ଟଲେଂଟ ଆକ୍ୟୁଜିସନ) କରୁଣାକରଣ ଭିନୟାଗମ ଶନିବାର ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସୋଆ ସ୍କେଲର୍ଜ-୨୦୨୪'ରେ ଯୋଗ ଦେଇ କହିଛନ୍ତି ।

ଏହି ମେଗା ମ୍ୟାନେଜମେଂଟ କନ୍‌କ୍ଲେଭ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଦ୍ୱାରା ଆୟୋଜିତ ହୋଇଥିଲା। ଏହି କନ୍‌କ୍ଲେଭ୍‌ର ଶୀର୍ଷକ ଥିଲା 'ବେୟୋଣ୍ଡ ବାଉଣ୍ଡାରିଜ :ଏମ୍ପାୱାରିଙ୍ଗ୍ ମାଇଣ୍ଡସ୍ ଆଣ୍ଡ ଏନାବଲିଙ୍ଗ ଗ୍ରୋଥ'। ଏଥିରେ ମୁଖ୍ୟ ପ୍ରସଙ୍ଗ ଉପରେ ମତ ରଖି ଶ୍ରୀ ଭିନୟାଗମ କହିଥିଲେ ଯେ ମ୍ୟାନେଜମେଂଟ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ମନେ ରଖିବା ଉଚିତ୍ ଯେ ଆବଶ୍ୟକୀୟ ଅଭିଜ୍ଞତା ନଥାଇ ମଧ କମ୍ପାନୀମାନେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇପାରନ୍ତି । ନିଜର ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ଯଥେଷ୍ଟ ହୋଇ ନଥାଏ। ନିଷ୍ପତ୍ତିମୂଳକ ଚିନ୍ତାଧାରା, ସକାରାତ୍ମକ ମନୋଭାବ ଓ ସମସ୍ୟାର ସମାଧାନ କରିବା ନିମନ୍ତେ ଜ୍ଞାନ ନିର୍ଣ୍ଣାୟକ ହୋଇଥାଏ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରିଥିଲେ ।

# ୨୨.୨୦୦ ଗ୍ରାମ୍ ଗଞ୍ଜେଇ ଜବତ, ଜଣେ ଗିରଫ

କଟକ (ସବ୍ୟୁ):ଏକ ଗୁପ୍ତ ସୂଚନାକୁ ଭି କରି ମଙ୍ଗଳାବାଗ ଥାନା ପୋଲିସ ମହାନଦୀ ପଠା ଭୁଆଷୁଣ ମନ୍ଦିର ନିକଟରେ ଚଢାଉ କରି ୨୨ କେଜି ୨୦୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର ମୁନା ଓରଫ ମନୋଜ କାହାଳୀ(୩୨) । ପ୍ରକାଶ ଯେ, ଆଜି ସକାଳେ ମୁନା ଏକ ଜରି ବସ୍ତାରେ ଏହି ପରିମାଣର ଗଞ୍ଜେଇ ଧରି ଭୁଆଷୁଣୀ ମନ୍ଦିର ନିକଟରେ ଠିଆ ହୋଇଥିବା ଖବର ପାଇ ଏସଆଇ କ୍ରିଷ୍ଣାମୟୀ ବରାଳ ସଦଳବଳେ ଚଢାଉ କରି ମୁନାକୁ ଗିରଫ କରିବା ସହ ତା ନିକଟରୁ ଗଞ୍ଜେଇ ଥିବା ବସ୍ତାକୁ ଜବତ କରିଥିଲେ । ଆଜି ମୁନାକୁ କୋର୍ଟ ଚାଲାଣ କରାଯାଇଛି । ମୁନା ବିରୋଧରେ ପୂର୍ବରୁ ମଙ୍ଗଳାବାଗ ଥାନାରେ ୬ଟି ମାମଲା ରହିଥିବା ଅଧିକ ଅନୁସନ୍ଧାନରୁ ଜଣାପଡିଛି ।

### ଓଏସିଆର ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ଶିଶୁଙ୍କ ପ୍ରସ୍ତାବକୁ ଇସ୍ତାହାରରେ ସ୍ଥାନ ଦେବାକୁ ରାଜନୈତିକ ଦଳ ପ୍ରତିନିଧିଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର (ସବ୍ୟୁ): ଶିଶୁମାନେ ନିଜର ସୁରକ୍ଷା, ଶିକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରସ୍ତାବ ଦଳୀୟ ଇସ୍ତାହାରରେ ସ୍ଥାନ ପାଇବ। ଏ ନେଇ ନିଜ ନିଜ ଦଳ ନିକଟରେ ପ୍ରସ୍ତାବଗୁଡିକ ଉପସ୍ଥାପନ କରିବେ ବୋଲି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି । ଓଡିଶା ଆଲାଏନ୍ସ ଫର ଚାଇଲ୍ଡ ରାଇଟସ (ଓଏସିଆର) ପକ୍ଷରୁ ରାଜନୈତିକ ନେତାମାନଙ୍କୁ ନେଇ ଆୟୋଜିତ ଏକ ରାଜଛରୀୟ ଆଲୋଚନାଚକ୍ରରେ ଏଭଳି ମତପ୍ରକାଶ ପାଇଛି । ଏଠାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଜୁ ଜନତା ଦଳର ମୁଖପାତ୍ର ଡକ୍ଟର ଲେନିନ ମହାନ୍ତି, ବିଜେଡି ମହିଳା ଶାଖାର ସାଧାରଣ ସମ୍ପାଦିକା କସ୍ତୁରୀ ମହାପାତ୍ର, ବିଜେପିର ଡକ୍ଟର ପ୍ରୀତି ପ୍ରତିମା ଭୋଳ ଓ ସ୍ମିତା ସାମନ୍ତ, କଂଗ୍ରେସର ଡକ୍ଟର ବିଶ୍ୱ ରଞ୍ଜନ ମହାନ୍ତି, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ପାଢୀ , ସମ୍ପାଦକ ନାରାୟଣ ଡାକୁଆ, ସିପିଆଇଏମର ପୁଷ୍ପା ଦାସ, ଆମ ଆଦ୍‌ମୀ ପାର୍ଟିର ଜୟସୂର୍ଯ୍ୟ କାନୁନଗୋ, ସିପିଆଇଏମଏଲର ମହେନ୍ଦ୍ର ପରିଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଓଏସିଆର ର ଅଧ୍ୟକ୍ଷ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ଶିଶୁମାନେ ପ୍ରସ୍ତୁତ କରିଥିବା ପ୍ରସ୍ତାବ ଉପରେ ଆଲୋକପାତ କରିବା ସହିତ ଏହା କିଭଳି ରାଜନୈତିକ ଦଳର ଇସ୍ତାହାରରେ ସ୍ଥାନ ପାଇବ ସେଥିପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ପିଲାମାନେ




ପ୍ରସ୍ତୁତ କରିଥିବା ଦଶଟି ପ୍ରସ୍ତାବକୁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରିଥିଲେ । ଏଥିସହିତ ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନମାନେ ପ୍ରସ୍ତୁତ କରିଥିବା ପ୍ରସ୍ତାବମାନ ମଧ ରାଜନୈତିକଲ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରିଥିଲେ । ପିଲାମାନେ ପ୍ରସ୍ତୁତ କରିଥିବା ଏହି ପ୍ରସ୍ତାବଗୁଡିକ ମଧ୍ୟରେ ଅସମାନତା ପ୍ରତି ଧ୍ୟାନ ଦେବା ଓ ଶିଶୁ ଏବଂ ଯୁବକ-ଯୁବତୀ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଯୋଜନା ଓ ନୀତି ସୁନିଶ୍ଚିତ କରିବା ଏବଂ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁମାନଙ୍କ ପାଇଁ ମାଗଣା, ବାଧ୍ୟତାମୂଳକ, ନିରାପଦ ଓ ଗୁଣାତ୍ମକ ମାନର ଶିକ୍ଷା ସୁନିଶ୍ଚିତ କରାଯିବାକୁ କୁହାଯାଇଛି । ସମସ୍ତ ବିଦ୍ୟାଳୟରେ ସବୁ ଶ୍ରେଣୀ ଓ ସବୁ ବିଷୟ ପାଇଁ ଆବଶ୍ୟକ ଅନୁସାରେ ଶିକ୍ଷକ ଯୋଗାଇ ଦିଆଯାଉ ଓ ଆଦିବାସୀ ବିଦ୍ୟାଳୟମାନଙ୍କରେ ବହୁଭାଷୀ ଶିକ୍ଷାର ବ୍ୟବସ୍ଥା କରାଯାଉ । ୧୮ ବର୍ଷ ତଳକୁ କୌଣସି ଶିଶୁ ଯେପରି କୌଣସି ପ୍ରକାରର ଶ୍ରମ କାର୍ଯ୍ୟରେ ନିୟୋଜିତ ନ ହେବେ, ତାହା ସୁନିଶ୍ଚିତ କରାଯାଉ ଏବଂ ଉଦ୍ଧାର ହୋଇଥିବା ଶିଶୁଙ୍କ ପାଇଁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରାଯାଉ । ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଧନ୍ଦାମୂଳକ ତାଲିମ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉ । ଶୁକ୍ରବାର ପୂର୍ବାହ୍ନରେ ଓଏସିଆର ପକ୍ଷରୁ ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣକୁ ପ୍ରାଥମିକତା ଦେବାପାଇଁ ଏକ ରାଉଣ୍ଡଟେବୁଲ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୭୦ରୁ ଅଧିକ ପ୍ରତିନିଧି ଶିଶୁ ଅଧିକାର କର୍ମୀ ଯୋଗ ଦେଇଥିଲେ ।

# ମୂଲ୍ୟବାନ କାଠ ପଟା ସହ କାଠ ମାଫିଆଙ୍କୁ ଧରିଲା ବନବିଭାଗ



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ମାଧପୁର ରେଞ୍ଜର ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଲୁଣ୍ଡୁରୁଝୁରି ଗ୍ରାମ ଜଙ୍ଗଲରେ ଏସିଏଫ ବିମଳ ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ପିଆଶାଳ ପଟା ଜବତ କରାଯାଇଥଲା । କୌଣସି ମତେ ଖବର ପାଇ ମାଧପୁର ବନାଞ୍ଚଳ ଆସିକ ଦିଗାଲ, ଫରେଷ୍ଟର ଅଭିମନ୍ୟୁ ମହାନ୍ତି, ସୁଶୀଲ କୁମାର ହୋତା, ସୁନୀଲ ଖେତୀ, ଫରେଷ୍ଟଗାର୍ଡ ଶରତ ନାୟକ, ସ୍ୱାଧୀନ ପ୍ରଧାନ ସୀତାରାମ ବେହେରା, ସୁବଳ ପ୍ରଧାନ ଓ ଅନ୍ୟ ସ୍କାର୍ଡ ମାନଙ୍କୁ ନେଇ ଏସିଏଫ ବିମଳ ପ୍ରଧାନ ଚଢ଼ାଉ କରିଥିଲେ। କୌଣସି ମତେ ଖବର ପାଇ କାଠ ମାଫିଆ ମାନେ ଖସି ଯିବାକୁ ବସିଥିବା ବେଳେ ବନବିଭାଗ ସେମାନଙ୍କୁ କାବୁ କରିନେଇଥିଲା। ଘଟଣା ସ୍ଥଳରୁ ବିପୁଳ ପରିମାଣର ପିଆଶାଳ ପଟା, କରତ, ସହ କୁଟୀଝାର ଗ୍ରାମର କିଶୋରୀ ମଲିକ (୩୫), ଡ଼ିମିରିଖୋଲ ଗ୍ରାମ ର ଦାଶରଥି ବେହେରା (୩୬), ଛତ୍ରଙ୍ଗ ଗ୍ରାମର ସୁଶାନ୍ତ କହଁର (୩୦)ଙ୍କୁ ଗିରଫ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଦିନକୁ ଦିନ ଅଂଚଳରେ କାଠମାଫିଆଙ୍କ ପ୍ରାଦୁର୍ଭାବକୁ ନେଇ ବନବିଭାଗର ମୁଣ୍ଡ ବ୍ୟଥାର କାରଣ ହୋଇ ପଡ଼ିଛି।

## ପୋଖରୀରେ ବୁଡ଼ି ଦୁଇ ନାବାଳକ ମୃତ

ଥୁଆମୂଳ ରାମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ପାଡ଼େପଦର ପଞ୍ଚାୟତ ଦୁରେସପଦର ଗାଁରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ଗାଁର ଦୁଇଜଣ ନାବାଳକ ପ୍ରାଣ ହରାଇଛନ୍ତି। ମୃତକ ଦ୍ୱୟ ହେଲେ ସୁରେଶ ନାଏକଙ୍କ ପୁଅ ଅସମାନ୍ (୬) ଏବଂ ଈଶ୍ୱର ନାଏକଙ୍କ ନାବାଳକ ପୁଅ ଶାନ୍ତନୁ (୬) । କେତେବେଳେ ଓ କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଛି ବର୍ତ୍ତମାନ ପର୍ଯ୍ୟନ୍ତ କାରଣ ଅସ୍ପଷ୍ଟ ରହିଛି। ଏନେଇ ପୁଲିସକୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଛି । ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଆଣିବାକୁ ଶବବାହକ ଗାଡ଼ିର ବ୍ୟବସ୍ଥା କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଅଧିକ ତଦନ୍ତ ଚାଲିଛି ।

## ପୋଲିସ ଶୋଇଛି,ଚୋର ଚେଇଁଛି

# ଗୋଟିଏ ରାତିରେ ୪ଦୋକାନରୁ ଚୋରି

ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲାରେ ପୋଲିସ ଶୋଇଛି ଚୋର ଚେଇଁଛି । ସହର ଭିତରେ ଚୋରି ଡକାୟତି ଆଶାତିତ ଭାବେ ବଢ଼ିଯାଇଛି। ଗୁରୁବାର ରାତିରେ ଚାରୋଟି ସ୍ଥାନରେ ଚୋରି କରି ସହରବାସୀଙ୍କୁ ଆତଙ୍କିତ କରିଦେଇଛନ୍ତି। ମୁଖ୍ୟରାସ୍ତା ଉପରେ ଥିବା ଚାରୋଟି ଦୋକାନକୁ କଲେ ଟାର୍ଗେଟ। ମୁଖ୍ୟ ରାସ୍ତାରେ ସିସିଟିଭି ଲଗାଯାଇଥିବା ବେଳେ ତାହା ଭୟ ନକରି ଚୋରମାନେ ସଟର ତାଡି ଚୋରି କରିଛନ୍ତି। ଦୁଇଟି ମେଡିକାଲ ଷ୍ଟୋରର ସଟର ତାଡିଥିବା ବେଳେ ଗୋଟିଏ ଜେନେରାଲ ଷ୍ଟୋର ଏବଂ ଗୋଟିଏ ହାର୍ଡରେ ଦୋକାନକୁ ଟାର୍ଗେଟ କରିଥିଲେ। ପୁଲିସକୁ ଚ୍ୟାଲେଞ୍ଜ କରି ଚୋରି କରିବାରେ ସଫଳ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରତିଦିନ ରାତିରେ ସହରର କୌଣସି ନା କୌଣସି ସ୍ଥାନରେ ଚୋର ଘର ଏବଂ ଦୋକାନକୁ ଟାର୍ଗେଟ କରୁଛନ୍ତି। ଲୋକେ ଏକ ପ୍ରକାର ଭୟଭିତ ହୋଇ ରହିଛନ୍ତି। ଯେଉଁ ଘର ଚାବି ପଡିଥିବା ଜଣାପଡିଲା ସେହି ଘରକୁ ଚୋର ଟାର୍ଗେଟ କରୁଛନ୍ତି। ତେଣୁ ଲୋକେ ଘରକୁ ଚାବି ପକାଇ ବାହାରକୁ ଯିବାକୁ ଭୟ କଲେଣି। ଏପରିକି ସାଇ ମନ୍ଦିରରେ ଗତ କିଛି ଦିନ ତଳେ ଲକ୍ଷାଧିକ ଟଂକାର ରୁପାର ଜିନିଷ ଚୋର କରି ନେଇଗଲେ। ପୁଲିସ ତଦନ୍ତ କରୁଛି କିନ୍ତୁ ଚୋରକୁ ଧରିବାରେ ଅସଫଳ ହେଉଛି। ସହରରେ ଏତେ ଚୋରି ହେଉଥିଲେ ମଧ ଜଣେ ବି ଚୋର ପୁଲିସ ହାତରେ ପଡୁ ନାହାନ୍ତି। ଯାହା କି ପୁଲିସର ପାରିବା ପଣିଆକୁ ବୟାନ କରୁଛି। ଗୋଟିଏ ରାତିରେ ଚାରି ଚାରୋଟି ଦୋକାନ ଚୋରି ହେବା ପୁଲିସର ପେଟ୍ରୋଲିଂ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସିସିଟିଭି ଦେଖି ପୁଲିସ ହେଲମେଟ ପିନ୍ଧିନଥିବା ଲୋକଙ୍କ ଉପରେ ଜୋରିମାନା ଆଦାୟ କରୁଛି ସିନା ସିସିଟିଭି ଦେଖି ଚୋରକୁ ଧରିବାରେ ପୁଲିସ ବିଫଳ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଚାରୋଟି ଦୋକାନରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଟଂକା ଚୋରି ହୋଇଥିବା ବେଳେ ପୁଲିସର ତଦନ୍ତ ପରେ କଣ କଣ ଚୋର ହୋଇଛି ଜଣାପଡିବ ବୋଲି କୁହାଯାଇଛି। ଚୋରି ରୋକାନଗଲେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଲେଣି। ପୁଲିସ ଶୋଇଛି ନା ଚୋରିକୁ କିପରି ଆୟତ୍ତ କରୁଛି ଦେଖିବାକୁ ବାକି ରହିଲା।

# କାଠଫାଳିଆ ମାଡରେ ଯୁବକ ମୃତ

ସମ୍ବଲପୁର, (ସବ୍ୟୁ): ଶନିବାର ଦିନ ଦ୍ୱିପହରେ ସ୍ଥାନୀୟ କ୍ଷେତରାଜପୁର ଥାନା ଅନ୍ତର୍ଗତ କୁସୁମପଡ଼ା ଠାରେ ରିଙ୍କୁ ନନ୍ଦ (୪୦) ନାମକ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରାଯାଇଥିଲା। ପଳରେ ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଘଟଣା ପୂର୍ବରୁ ରିଙ୍କୁ ଏବଂ ଜଣେ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପୂର୍ବ ଶତ୍ରୁତା ଉତ୍ତେଜକ ରୂପ ନେଇଥିଲା। ଏଥିରେ ପ୍ରତିପକ୍ଷ ଯୁବକ ଏକ କାଠଫାଳିଆରେ ରିଙ୍କୁଙ୍କୁ ଆକ୍ରମଣ କରିଥିଲା। ରିଙ୍କୁର ମୁଣ୍ଡରେ ଗୋଟିଏ ପାହାର କାଠଫାଳିଆ ବାଜିବାରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ରିଙ୍କୁ ନନ୍ଦଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ୟକ୍ତିଗତ କାରଣକୁ ନେଇ ଏହି କାଣ୍ଡ ସଂଘଟିତ ହୋଇଛି ବୋଲି ସଦର ଏସ୍‌ଡିପିଓ ତୋଫାନ୍ ବାଗ୍ କହିଛନ୍ତି। ଘଟଣା ବାବଦରେ ଏକ ହତ୍ୟା ମାମଲା ରୁଜୁ କରି ସଂପୃକ୍ତ ଅପରାଧୀକୁ ଧରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି।

ଚଳିତ ବର୍ଷ ଆଜି ସୁଦ୍ଧା ମହାନଗରରେ ସଂଘଟିତ ଚାରୋଟି ହତ୍ୟାକାଣ୍ଡ ମଧ୍ୟରୁ ଦିନ ଦ୍ୱିପହରରେ ସଂଘଟିତ ହୋଇଛି । ଏଥିରେ ୨ଟି ମାମଲାରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଗତ ମାସ ୧୦ ତାରିଖ ଦିନ ଠେଲକୁଲି ଥାନା ଲପଙ୍ଗା ଠାରେ ବିଶ୍ୱନାଥ ବାନାର୍ଜୀ, ଗତ୧୯ ତାରିଖ ଦିନ ସ୍ଥାନୀୟ କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଲଦଲିପଡ଼ା ଗୁଡୁ ରାଉତ, ଗତ ୧୦ ତାରିଖ ଦିନ ହୀରାକୁଦ ଡେମ୍ ବାମପାର୍ଶ୍ୱ ଡାଇକ୍‌ର ବଳବସପୁର ଠାରେ ହୀରାକୁଦର ଶଶୀ ପାଗଡଙ୍କୁ ହତ୍ୟା କରାଯାଇଥିଲା।

# ମା'ଙ୍କ ମୃତ୍ୟୁ ଖବର ପାଇ ନାବାଳକ ପୁଅର ଆତ୍ମହତ୍ୟା

ଖପ୍ରାଖୋଲ/ପାଟଣାଗଡ଼,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକର କାନୁଟ ଉପରପଡ଼ାରେ ଗତ ୧୦ ତାରିଖ ସନ୍ଧ୍ୟାରେ ଭୟାବହ ଘଟଣା ଘଟିଥିଲା। ଏହି ଘଟଣାରେ ୬ ଜଣ ଆହତ ହେଇଥିଲେ। ଅଦାବରିଆ ପରିବାରର ପାଞ୍ଚଜଣ ସଦସ୍ୟ ଆହତ ହେଇଥିଲା ବେଳେ ପଡ଼ୋଶୀ ମାଳତୀ ମହାଖୁଡ ନିଆଁରେ ପୋଡ଼ି ଯାଇଥିଲେ। ଉତ୍ତମ ଚିକିତ୍ସା ସକାଶେ ସେମାନଙ୍କୁ ରାଉରକେଲାର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କୁ ଚିକିତ୍ସା କରା ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମାଳତୀ ମହାଖୁଡ, ଭାନୁମତୀ ଅଦାବରିଆ, ମହେଶ୍ୱର ଅଦାବରିଆ, ଭୈରବୀ ଅଦାବରିଆଙ୍କ ମୃତ୍ୟୁ ହେଇଥିଲା। ଏହି ଘଟଣା ମାଳତୀ ମହାଖୁଡଙ୍କ ପୁଅ ଦ୍ରୋଣ ମହାଖୁଡ (୧୬) ଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା। ସେ ଶୁକ୍ରବାର ରାତିରେ ନିଜ ଘରେ ଶାଢ଼ି ଲଗେଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ବେଲପଡ଼ା ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବେଲପଡ଼ା ହସ୍ପିଟାଲକୁ ପଠେଇଥିଲା । ଏଣେ ଘଟଣାସ୍ଥଳରେ ବେଲପଡ଼ା ତହସିଲଦାର ବନବିହାରୀ ହରପାଲ ଓ ବିଡିଓ ରାଜେଶ କୁମାର ମେହେର ଖବର ପାଇ ପହଞ୍ଚି ଥିଲେ ।

# ଟିପିଡବ୍ଲୁଓଡିଏଲ୍ ଓ ସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର




ସମ୍ବଲପୁର,(ସବ୍ୟୁ): ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ) ପଶ୍ଚିମ ଓଡ଼ିଶାର ଚାରି ଗୋଟି ପ୍ରତିଷ୍ଠିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ସହିତ ୧୫ ଫେବୃଆରୀ ୨୦୨୪ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । କମ୍ପାନୀ ନିଜର ବୁର୍ଲା ସ୍ଥିତ ମୁଖ୍ୟ କର୍ପୋରେଟ୍ କାର୍ଯ୍ୟାଳୟରେ ଏହି ଚୁକ୍ତିନାମା ସ୍ୱାକ୍ଷର କରିଛି । କମ୍ପାନୀ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଚାରି ଗୋଟି ଆଇଟିଆଇ ଗୁଡିକ ହେଲେ- ବରଗଡ଼ ସ୍ଥିତ ଆଇଟିଆଇ ଭେଡେନ, ସମ୍ବଲପୁର ସ୍ଥିତ ଆଇଟିଆଇ ହୀରାକୁଦ, ସୁନ୍ଦରଗଡ଼ ସ୍ଥିତ ଆଇଟିଆଇ ରାଉରକେଲା ଏବଂ କଳାହାଣ୍ଡି ସ୍ଥିତ ଆଇଟିଆଇ ଭବାନୀପାଟଣା । ଏହା ଦ୍ୱାରା ଆଇଟିଆଇ କଲେଜ ଗୁଡ଼ିକର ଛାତ୍ରଛାତ୍ରୀମାନେ ଉଭୟ ପାଠ୍ୟକ୍ରମ ଏବଂ ବ୍ୟବହାରିକ ଜ୍ଞାନର ସୁବିଧା ପାଇବେ । ଟିପିଡବ୍ଲୁଓଡିଏଲର ସିଇଓ ଗଜାନନ୍ କାଲେ ଏବଂ ଉକ୍ତ ଚାରି ଗୋଟି ଆଇଟିଆଇ କଲେଜର ଅଧକ୍ଷ ସୌମ୍ୟ ରଞ୍ଜନ ମିଶ୍ର, ଶିବ ପ୍ରସାଦ ମହାନ୍ତି, ଧନଞ୍ଜୟ ଖୁରା ଏବଂ ରୀତା ପରିଡ଼ାଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଏହି ଚୁକ୍ତିନାମା ସ୍ୱାକ୍ଷର ସମୟରେ କମ୍ପାନୀର ସିଏଫଓ ସତୀଶ କୁମାର, ମୁଖ୍ୟ ବାଣିଜ୍ୟିକ ସେବା ଅଧିକାରୀ ସୁନୀଲ କୁମାର ଶର୍ମା ଏବଂ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ କସମୋସ୍ ଲାକ୍ରା ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ଅଘରିଆ ସମାଜର ଜରୁରୀ ବୈଠକ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ତାଳପଟିଆରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ଏକ ଜରୁରୀ ବୈଠକ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ସଭାରେ ବଲାଙ୍ଗିର ଜିଲ୍ଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ଗାଙ୍ଗପୁର (ସୁନ୍ଦରଗଡ) ସଭାପତି ପ୍ୟାରୀ ମୋହନ ପଟେଲ, ଝାରସୁଗୁଡ଼ା ଜିଲ୍ଲା ଲଇଡ଼ା ସଭାପତି ପ୍ରଜ୍ଜ୍ୱଳ କୁମାର ପଟେଲ ଓ କଳାହାଣ୍ଡି ଜିଲ୍ଲା ସଭାପତି ଚତୁର୍ଭୁଜ ଅଘରିଆ ସଭାରେ ଯୋଗଦେଇଥିଲେ । ରାଜ୍ୟ ସରକାର ଝାରସୁଗୁଡ଼ା ଉପନିର୍ବାଚନ ସମୟରେ ପଶ୍ଚିମ ଓଡିଶାରେ ବସବାସ କରୁଥିବା ଅଘରିଆ ସମାଜକୁ ଭୁବନେଶ୍ୱର ଠାରେ ଅଧ ଏକର ଜମି ଓ ତିନିକୋଟି ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ । କିନ୍ତୁ ଏକଚାଟିଆ ଭାବେ ସରକାର କ୍ୟାବିନେଟ ବୈଠକରେ ଭୁବନେଶ୍ୱରର ଏକ ଅଗ୍ରଗାମୀ ସଂଗଠନକୁ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସଭାରେ ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ନିଷ୍ପତ୍ତି ବୋଲି ମତ ପ୍ରକାଶ ପାଇଥିଲା । ଏହାକୁ ବିରୋଧ କରାଯାଇ ପଶ୍ଚିମ ଓଡିଶାର ସମସ୍ତ ଜିଲ୍ଲାରେ ତୀବ୍ର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପଟେଲ, ସମ୍ପାଦକ ସନାତନ ପଟେଲ ସମେତ ପୂର୍ବତନ ରାଜ୍ୟ ସଭାପତି ନରେଶ ନାଏକ ସମ୍ମତି ପ୍ରକାଶ କରିଥିଲେ । ଟ୍ରଷ୍ଟ ସମ୍ପାଦକ ଦିଲୀପ ପଟେଲ, ସଂଯୋଜକ ଯଶୋବନ୍ତ ନାଏକ ଲଇଡା ଗୁଡ଼ି ସମ୍ପାଦକ ସୁଶାନ୍ତ ପଟେଲ ସରକାରଙ୍କ ଏକଚାଟିଆ ଘୋଷଣାକୁ ତୀବ୍ର ପ୍ରତିବାଦ କରି ଆଗାମୀ ଦିନରେ ସମାଜର ଏକତାକୁ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ । ସଭାରେ ରାଜ୍ୟର ବିଭିନ୍ନ ଅଂଚଳରୁ ୫୦ ଜଣରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଚୋରି ହୋଇଥିବା ନବଜାତ ଶିଶୁ ଉଦ୍ଧାର

ବଲାଙ୍ଗିର,(ସବ୍ୟୁ): ବୌଦ୍ଧରୁ ପୋଲିସ୍ ଦ୍ୱାରା ଉଦ୍ଧାର ହୋଇଛି ବଲାଙ୍ଗିରରୁ ଚୋରି ହୋଇଥିବା ନବଜାତକ ଶିଶୁପୁତ୍ର । ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ଓ ହସ୍ପିଟାଲର ଏସ୍‌ଏନ୍‌ସିୟୁରୁ ଏକ ନବଜାତକ ଶିଶୁ ପୁତ୍ର ନିଖୋଜ୍ ହୋଇଥିବା ନେଇ ସଂପୃକ୍ତ ପରିବାର ଲୋକେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା । ସିସିଟିଭି ଫୁଟେଜ୍ରୁ ତଥ୍ୟ ପାଇବା ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସମ୍ପର୍କୀୟ(ପିଉସୀ ନାନୀ)ଙ୍କୁ ଧରି ବୌଦ୍ଧ ଅଭିମୁଖେ ଯାଇଥିଲେ । ଶେଷରେ ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ନିକଟସ୍ଥ କଚେରମାଲ ଜଙ୍ଗଲ ସାହସପିଟା ଗାଁରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି । ଶିଶୁଟିର ଅବସ୍ଥା ଠିକ୍ ଥିବା ବେଳେ କିଏ ଅଦଳବଦଳ କରିଥିଲା ନା କିଏ ଜାଣିଶୁଣି ଶିଶୁପୁତ୍ର ଚୋରି କରିଥିଲା ବୋଲି ଆଲୋଚନା ହେଉଛି । ତେବେ ପୋଲିସ ଶିଶୁପୁତ୍ରକୁ ନେଇଥିବା ପରିବାରର ଦୁଇଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡିଛି ।

# ହତ୍ୟାକାରୀ ଭାଇକୁ ଆଜୀବନ ଜେଲ୍ ଓ ଜରିମାନା

ବଲାଙ୍ଗିର,(ସବ୍ୟୁ): ୨୦୧୯ ମସିହାରେ ଘଟିଥିବା ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ହତ୍ୟାକାରୀକୁ ଆଜୀବନ ଜେଲ୍ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି କଣ୍ଟାବାଞ୍ଜି ଏଡିଜେ କୋର୍ଟ। ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଖଇରା ଗାଁର ଭବାନୀ ଶଙ୍କର ଭୋଇ ଓ ତାଙ୍କ ସମ୍ପର୍କୀୟ ଭାଇ ଅଚ୍ୟୁତ ଭୋଇ ଭିତରେ ଜମି ବିବାଦ ଲାଗି ରହିଥିଲା। ଭାଗବଣ୍ଟା ବେଳେ ଭବାନୀ ଶଙ୍କର ଭୋଇଙ୍କ ଜମିରେ ଥିଲା ଗୋଟିଏ ଶାଗୁଆନ ଗଛ। ସେହି ଗଛକୁ ଅଚ୍ୟୁତ ନିଜର ବୋଲି ଦାବି କରିଆସୁଥିଲା। ୨୦୧୯ ଜୁନ୍ ୨୭ ତାରିଖରେ ଦୁଇ ଭାଇଙ୍କ ଭିତରେ ଲାଗି ରହିଥିବା ବିବାଦ ଉଗ୍ର ରୂପ ଧାରଣ କରିଥିଲା। ଅଚ୍ୟୁତ କାଠ ଫାଳିଆ ଓ ଲୁହା ରଡ୍ ରେ ଭବାନୀଙ୍କୁ ଆକ୍ରମଣ କରିଥିଲା।

ଆକ୍ରମଣରେ ଭବାନୀଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକ ଏନେଇ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଅଭିଯୁକ୍ତ ଅଚ୍ୟୁତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ରାୟ ପ୍ରକାଶ ପାଇ ସାକ୍ଷୀଙ୍କ ବୟାନ୍ ଓ ଅନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି କଣ୍ଟାବାଞ୍ଜି ଏଡିଜେ କୋର୍ଟ। ଆଜୀବନ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବଛ ଯଦି ଦୋଷୀ ସାବ୍ୟସ୍ତ ହୋଇଥିବା ଅଚ୍ୟୁତ ଜରିମାନା ଅର୍ଥ ଦିଅନ୍ତି, ତାହାହେଲେ ସେଥିରୁ ୩୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ଦେବା ପାଇଁ କୋର୍ଟ କହିଥିବା ସରକାରୀ ଓକିଲ କହିଛନ୍ତି।

# ଘରୋଇ ଗ୍ୟାସ ବ୍ୟବହାର ସମୟରେ ଚଢ଼ାଉ

ରାୟଗଡା,(ସବ୍ୟୁ): ରାୟଗଡ଼ାର ଉପ ଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗ ତରଫରୁ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାଂଶ ଭୋଇଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ ଗଠନ କରାଯାଇଛି । ଏହି ଟିମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ବ୍ୟବସାୟିକ କ୍ଷେତ୍ରରେ ଚୋରା ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁଥିବା ନେଇ ଖବର ପାଇ ରାୟଗଡ଼ା ଷ୍ଟେସନ ସମ୍ମୁଖରେ ଥିବା ବଗି ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରି ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛି । ରେଷ୍ଟୁରାଣ୍ଟ ମାଲିକଙ୍କ ନାଁ ରେ ଏକ ମାମଲା ରୁଜୁ କରିଥିବା ନେଇ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ସେହିଭଳି କୋଲନରା ବ୍ଲକର ମୁକୁନ୍ଦପୁର ଠାରେ ଏକ ଭ୍ୟାନ ନଂ ଓଡି ୦୨ ଏବି ୮୧୪୯ ରେ ୪୨ଟି ଘରୋଇ ଗ୍ୟାସ ସିଲିଣ୍ଡର ରଖି ଚୋରା କାରବାର କରିବା ସହ ଅନେକ ବ୍ୟବସାୟିକ କ୍ଷେତ୍ରରେ ସପ୍ଲାଏ କରୁଥିବା ନେଇ ଖବର ପାଇ ଉକ୍ତ ଗ୍ୟାସ୍ ସିଲିଣ୍ଡର ଗୁଡିକ ଜବତ କରି ସଂପୃକ୍ତ ବ୍ୟକ୍ତି ମୁକୁନ୍ଦପୁରର ମନୋଜ କୁମାର ପାତ୍ରଙ୍କ ନାଁରେ ମାମଲା ରୁଜୁ କରିଥିବା ନେଇ ବିଭାଗ ସୂଚନା ଦେଇଛନ୍ତି। ଏହି ଚଢାଉ ବେଳେ ତାଙ୍କ ସହ କୋଲନରା ବ୍ଲକ ଯୋଗାଣ ଅଧିକାରୀ ଅନିଲ କୁମାର ଗମାଙ୍ଗ ଓ ରାୟଗଡ଼ା ବ୍ଲକ ଯୋଗାଣ ଅଧିକାରୀ ଚୈବନ ବେହେରା ଉକ୍ତ ଟିମରେ ସାମିଲ ଥିବା ନେଇ ସୂଚନା ମିଳିଛି। ରାୟଗଡ଼ ଜିଲ୍ଲାରେ ଅନେକ ହୋଟେଲ ଆଦି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଏଭଳି ଚୋର ଘରୋଇ ଗ୍ୟାସ ସିଲିଣ୍ଡର ବହୁ ପରିମାଣରେ ବ୍ୟବହୃତ ହେଉଥିବା ବେଳେ ଯୋଗାଣ ବିଭାଗର ଚଢ଼ାଉ ଅନେକ ବ୍ୟବସାୟୀଙ୍କୁ ସଚେତନ କରିବା ବୋଲି ଶ୍ରୀ ଭୋଇ ପ୍ରକାଶ କରିଛନ୍ତି ।

# ୪ ଦିନରେ ମଲେଣି ୨ ହାତୀ ଶାବକ

ସୁନ୍ଦରଗଡ଼, (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜର ମିରିଗିଡେଗା ଗ୍ରାମ ନିକଟ କାଠମାଳା ଜଙ୍ଗଲରେ ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ହାତୀ ଶାବକର କିପରି ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ। ମୃତ ହାତୀ ଶାବକଟି ହରପିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଶନିବାର ହାତୀ ଶାବକର ଶବ ବ୍ୟବଚ୍ଛେଦ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶବ ବ୍ୟବଚ୍ଛେଦ ପରେ ହାତୀଟିର କିପରି ମୃତ୍ୟୁ ଘଟିଛି ଜଣାପଡ଼ିବ ବୋଲି ବଣାଇ ଡ଼ିଏଫଓ ସୂଚନା ଦେଇଛନ୍ତି । ତିନି ଦିନ ପୂର୍ବେ କୋଇଡା ରେଞ୍ଜର ଗଣୁଆଁ ଫରେଷ୍ଟ ଅଞ୍ଚଳରେ ଏକ ହାତୀ ଶାବକ ମୃତଦେହ ଉଦ୍ଧାର କରାଯାଇଥିଲା। ଚାରି ଦିନରେ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିବା ହରପିସ୍ ରୋଗ ପ୍ରତି ସନ୍ଦେହ ଘନୀଭୂତ କରୁଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଦାନ କରାଯାଉଥିବା ବିଭିନ୍ନ ଭତ୍ତା ବୃଦ୍ଧି ଦାବି

ଭବାନୀପାଟଣା,(ସବ୍ୟୁ): 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ନାମକ ଏକ ସଙ୍ଗଠନ ପକ୍ଷରୁ ଏହାର ମୁଖ୍ୟ ସଂଗଠକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣାଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲାଛଏହି କାର୍ଯ୍ୟକ୍ରମରେ ଶ୍ରୀ ପଣ୍ଡା ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ବାର୍ଦ୍ଧକ୍ୟ, ବିଧବା, ଅବିବାହିତା ଓ ଭିନ୍ନକ୍ଷମମାନଙ୍କୁ ମଧୁବାବୁ ପେନସନ୍ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତ୍ତା ବୃଦ୍ଧି ନିମନ୍ତେ ସଂଗଠନ ପକ୍ଷରୁ ଜିଲ୍ଲାପାଳ ଅଫିସ ଘେରାଉ ସହ ସରକାରଙ୍କ ନିକଟରେ ଏକ ଦାବୀ ପତ୍ର ଦିଆଯାଇଥିଲା। ମାତ୍ର ସରକାର ଏହି ଭତ୍ତାକୁ ମାତ୍ର ୫୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ଏହି ସ୍ୱଳ୍ପ ଅର୍ଥରେ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ଏବେ କଳାହାଣ୍ଡି ଜିଲ୍ଲାରେ ଅସନ୍ତୋଷର ବାତାବରଣ ଦେଖାଦେଇଛି। ଏହି ମହଙ୍ଗା ଦୁନିଆରେ ଗରିବ ଓ ଅସହାୟମାନେ ମାସକୁ ମାତ୍ର ୧୦୦୦ଟଙ୍କାରେ ବଞ୍ଚିବେ କେମିତି ବୋଲି ପ୍ରଶ୍ନ କରିବା ସହ ସରକାର ପୁଣି ଥରେ ୧୦୦୦ରୁ ୨୫୦୦ଟଙ୍କା, ୧୨୦୦ ଓ ୧୪୦୦କୁ ୩୦୦୦ଟଙ୍କା କରିବା ଏବଂ ସମସ୍ତ ଭତ୍ତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଯଦି ୧୫ଦିନ ଭିତରେ ସରକାରଏ ସମ୍ପର୍କରେ କୌଣସି ନ ଚିନ୍ତା କରନ୍ତି ତାହା ହେଲେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଣ୍ଡା ସରକାରଙ୍କୁ ଚେତାବନୀ ଦେବାସହ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗାମୀ ନିର୍ବାଚନରେ ନିଜ ନିଜ ନିର୍ବାଚନୀ ଇସ୍ତାହାରରେ ଏହି ଭତ୍ତାବୃଦ୍ଧିର ୩ଟି ଦାବୀକୁ ଦଳମାନେ ସାମିଲ କରନ୍ତୁ।

# କନ୍ଧମାଳ ଶ୍ରୀରାମ ମନ୍ଦିରକୁ ମୃଦଙ୍ଗ ଦାନକଲେ ସାମାଜିକକର୍ମୀ

କନ୍ଧମାଳ, (ସବ୍ୟୁ) : ସେବା ପାଇଁ ଉତ୍ସର୍ଗୀକୃତ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ବିଶିଷ୍ଟ ସମାଜସେବୀ ଶ୍ରୀକାନ୍ତ ମିଶ୍ର । କନ୍ଧମାଳ ବ୍ଲକର ପ୍ରତ୍ୟେକ



ଗ୍ରାମକୁ ଯାଇ ହରିନାମ ସଂକୀର୍ତ୍ତନ ପାଇଁ ବ୍ଲକର ଅଧିକାଂଶ ଗ୍ରାମରେ ସଂକୀର୍ତ୍ତନଦଳଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ମୃଦଙ୍ଗ ପ୍ରଦାନ କରିଛନ୍ତି । ସେହିପରି ଆଜି କନ୍ଧମାଳ ବ୍ଲକଛକ ସ୍ଥିତ ଶ୍ରୀରାମ ମନ୍ଦିର କମିଟିକୁ ଏକ ମୃଦଙ୍ଗ (ଖୋଳ ) ପ୍ରଦାନ କରି ଉତ୍ସାହିତ କରିଛନ୍ତି । ଏଥିରେ ମନ୍ଦିର କମିଟିର ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ, ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ରବୀନ୍ଦ୍ର କୁମାର ମହାପାତ୍ର, ଜୟ କୁମାର ମହାରଣା, ନୀଳାଞ୍ଚଳ ଗୁରୁ, ପ୍ରଦୀପ କୁମାର ଦାସ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ରହି ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ନିକଟରେ ଶ୍ରୀ ମିଶ୍ରଙ୍କ ଉତ୍ତରୋତ୍ତର ଉନ୍ନତି ଓ ପ୍ରଗତି ପାଇଁ ପ୍ରାର୍ଥନା କରିଥିଲେ ।

## ୩ଟି ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

# ମଣିଷ ଭିତରେ ସଦ୍‌ଭାବନା ସୃଷ୍ଟି ହେଲେ ବିକାଶ ସହଜ ହୁଏ: ସମରେନ୍ଦ୍ର



ବଲାଙ୍ଗିର,(ସବ୍ୟୁ): ସାମଗ୍ରିକ ବିକାଶ ପାଇଁ ସବୁ ଧର୍ମର ଲୋକଙ୍କ ଭିତରେ ସଦ୍‌ଭାବନା ଓ ସମନ୍ୱୟ ସୃଷ୍ଟି ହେଲେ ଅଞ୍ଚଳର ବିକାଶ ସହଜ ହୋଇଥାଏ । ଏ ଦିଗରେ ବିଧାୟକ ଗତ ୧୦ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ବଲାଙ୍ଗିର ସହର ଅନ୍ତର୍ଗତ ମୁସଲମାନ ସଂପ୍ରଦାୟର ସୁନ୍ନି ସଦର ମସ୍‌ଜିଦ୍ ପରିସର, କଲେଜ ଛକ ନିକଟ ଡୁଙ୍ଗୁରିପଡ଼ା ଚର୍ଚ୍ଚ ଠାରେ କମ୍ୟୁନିଟି ଗୃହ , ରୁଗୁଡିପଡା ଭାଗବତ ମନ୍ଦିର ପାଖ ଗୋଷ୍ଠି କେନ୍ଦ୍ରର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ଉଦ୍ଘାଟନି ହୋଇଥିଲା । ସମ୍ମାନିତ ଅତିଥି ଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ । ଏହା ସହ ମତ୍ସ୍ୟଜିବି ତିଅର ସମାଜ ଗୋଷ୍ଠି କେନ୍ଦ୍ର ଏବଂ ଗୋକୁଳଧାମ ଠାରେ ନବନିର୍ମିତି ଗୋଷ୍ଠି କେନ୍ଦ୍ର ଏବଂ ଖଲିଆପାଲି ଫୁଟବଲ ପଡିଆର ବାଡର ମଧ ଉଦଘାଟନ ହୋଇଯାଇଛି। ବିଧାୟକ ଶ୍ରୀ ମିଶ୍ରଙ୍କ ବିଧାୟକ ପାଣ୍ଠିରୁ ଏହି ସମସ୍ତ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଉଦ୍ଘାଟନ ପରବର୍ତ୍ତି ସଭାରେ ବିଧାୟକ ଶ୍ରୀ ମିଶ୍ର ବଲାଙ୍ଗିର ର ବିକାଶ ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ କାମ କରନ୍ତୁ ବୋଲି କହିଥିଲେ । ତିଅର ସମାଜ ଗୋଷ୍ଠି କେନ୍ଦ୍ର ଉଦ୍ଘାଟନ ଅବସରରେ ବରିଷ୍ଠ କର୍ମକର୍ତ୍ତା ଓ ତିଅର ସମାଜର ଗୌରବ ଭାରଉତ୍ତୋଳନରେ ରାଜ୍ୟରେ ରୌପ୍ୟ ପଦକ ବିଜୟିନୀ ସୁନେନା ବେହେରାଙ୍କୁ ମୁଖ୍ୟ ଅତିଥିଙ୍କ ହାତରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ସବୁ କାର୍ଯ୍ୟକ୍ରମ ଅବସରରେ ସୁନ୍ନି ସଦର ମସଜିଦ ଠାରେ ଇମାମ ହାଜି ମୁଜାହିଦ ରାଜା, ଜରୁଲ୍ ହୁସେନ, ନୁରୁଲ ହୁସେନ, ନାସିର ଖାନ, ଜାବେଦ ଇକବାଲ, ମହମ୍ମଦ ଆକବର, ରିୟାଜ ଖାନ, ମହମ୍ମଦ ମୁଜିବ, ଡୁଙ୍ଗୁରିପଡା ସିଏନ୍‌ଆଇ ଚର୍ଚ୍ଚ ଠାରେ ଉପେନ୍ଦ୍ର ସାହୁ, ଆରତିପ୍ରୀତି ନାଗ, ମୋତିଲାଲ ସିଂହ, ପ୍ରମୋଦ ବାରିକ, ମସିଚରଣ ଦାଶ, ବଜରଂଗ ବନଛୋର, ବିଦ୍ୟୁତ ରଂଜନ କୁମ୍ଭାର, ରୁଗୁଡିପଡା ଭଗବତ ମନ୍ଦିର ଠାରେ ଉଦିତ ପଣ୍ଡା, ପ୍ରଫୁଲ୍ଲ ମହାନ୍ତି, ରାଜୁ ବରିହା, ରାଜା ରାଉତ, ପିଣ୍ଟୁ ବାଗ, ମାନସ ମହାନ୍ତି, ଟିଟୁ ରଣା, ଚେତନାନନ୍ଦ ପଣ୍ଡା, ମାଲପଡା ତିଅର ସମାଜ ଠାରେ ସୁଦାମ ବେହେରା, ମେଘନାଥ ବେହେରା, ବୃନ୍ଦାବନ ବେହେରା, ଅନ୍ତ ବେହେରା, ପବିତ୍ର ବେହେରା, ଗୋକୁଳଧାମ ଠାରେ ଶିରିଶ ହୋତା, ଶୁଭ୍ରାଂଶୁ ପଣ୍ଡା, ସୁକଦେବ ସାହୁ, ବୁଲୁ ବେହେରାପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# କୋକସରା ବ୍ଲକର ୯ ପରୀକ୍ଷା କେନ୍ଦ୍ରରେ ୧୫୪୫ ମାଟ୍ରିକ ପରୀକ୍ଷାର୍ଥୀ

କୋକସରା,(ସବ୍ୟୁ): ଆସନ୍ତା ୨୦ ତାରିଖ ଠାରୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ କୋକସରା ବ୍ଲକର ୯ ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ସୂଚନା ମିଳିଛି। ଚଳିତ ବର୍ଷ ଖରାକୁ ଦୃଷ୍ଟିରେ ରଖି ସକାଳ ୭:୩୦ ରୁ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ନୋଡାଲ କେନ୍ଦ୍ର ଜବାହାର ଉଚ୍ଚ ବିଦ୍ୟାଳୟ ସମେତ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ଓ ଏସଏସଡି ବିଦ୍ୟାଳୟ ଆମପାଣି, ଲଡୁଗାଁ ଉଚ୍ଚ ବିଦ୍ୟାଳୟ, କାଉଡୋଳା ଉଚ୍ଚ ବିଦ୍ୟାଳୟ, ନେଗିଗୁଡା ଉଚ୍ଚ ବିଦ୍ୟାଳୟ, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରିଗୁଡା, ଡହଗାଁ ଉଚ୍ଚ ବିଦ୍ୟାଳୟ ଓ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡାରେ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ପାଇଁ ଶୃଙ୍ଖଳିତ କରିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଥିବା ନେଇ କୋକସରା ନୋଡାଲ ପରୀକ୍ଷା କେନ୍ଦ୍ରର ଅଧିକାରୀ ତଥା ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଜିଲ୍ଲା ଅଭିଭାବକ ସଂଘର ବୈଠକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର କଦଳିମୁଣ୍ଡା ଫରେଷ୍ଟ ନର୍ସରୀ ଠାରେ ଜିଲ୍ଲା ଅଭିଭାବକ ସଂଘ (ଅନ୍ୱେଷା ଯୋଜନା ଓ ଅଧିକାର ଆଇନ ଅଧିନସ୍ଥ) ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଓ ପ୍ରଚାର ପାଇଁ ବାସୁଦେବ ମୁଗ୍ରୀ, ସିତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସୂର୍ଯ୍ୟମଣି ସୁନା, ମହେନ୍ଦ୍ର କୁମାର ବେନିଆ, ନିଳିମା ଛତ୍ରିଆ, ଶମ୍ଭୁ ନାଗ, ନଳିନ ରଂଜନ ଦିପ, ଦ୍ରୋଣ କୁମ୍ଭାର, ବଟୁ ନାଗ, ବିନୋଦ ମୁଗ୍ରୀ ଅନ୍ୟାନ୍ୟ ବୁଦ୍ଧିଜିବି ବକ୍ତବ୍ୟ ଦେଇଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ଗୋଟିଏ ସ୍ଥାୟୀ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିରେ ସଭାପତି ରୂପେ ସୀତାରାମ କୁମ୍ଭାର, କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ମୁଗ୍ରୀ, ଉପ-ସଭାପତି ମହେନ୍ଦ୍ର ବେନିଆ, ସଂପାଦକ ବିଶ୍ୱାମିତ୍ର କୁମ୍ଭାର, କୋଷାଧକ୍ଷ ନିଳିମା ଛତ୍ରିଆ ଓ ଜୟଶ୍ରୀଙ୍କୁ ମନୋନିତ କରାଯାଇଥିଲା । ଶେଷରେ ସୂର୍ଯ୍ୟମଣି ସୁନା ଧନ୍ୟବାଦ ଦେଇଥିଲେ ।

# ଲୋକାର୍ପିତ ହେଲା ଆମ ହସ୍ପିଟାଲ୍



ଝାରସୁଗୁଡା,(ସବ୍ୟୁ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫- ଟି ଅଧିକନ୍ତୁ ଆମ ହସ୍ପିଟାଲରେ ସାମିଲ କରାଯାଇଛି । ଆଭାସି ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଜିଲ୍ଲାର ଏହି ଦୁଇଗୋଟି ହସ୍ପିଟାଲ ସମେତ ଓଡ଼ିଶାର ୭୩ଟି ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି । ଏହି କ୍ରମରେ ଦୁଇଟି ସ୍ଥାନରେ ସ୍ୱତନ୍ତ୍ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ତୁକାବତୀ ମିଞ୍ଜ,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା , ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦଳାଇ,ଡି ପି ଏମ ବୁଲୁନାଥ ସାହୁ,ଡି ଡି ଏମ ପ୍ରଶାନ୍ତ ଦାସ, ହସ୍ପିଟାଲ ମ୍ୟାନେଜର କୁମାର ଅଭିଷେକଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ସେହିପରି ଲଖନପୁର ସମଲେଇ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି,ଜିଲ୍ଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ,ଲଖନପୁର ବ୍ଲକ ଅଧକ୍ଷା ଭୁବନେଶ୍ୱରୀ ଚିହ୍ନିଆ, ଜିଲ୍ଲା ପରିଷଦ ସଦସ୍ୟ ସନତ କୁମାର ସିଂହ,ସ୍ଥାନୀୟ ସରପଞ୍ଚ ଆରତି ପ୍ରଧାନ,ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଯୁଗଳ କିଶୋର ଭୋଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ, ଆସିଷ୍ଟାଣ୍ଟ କଲେକ୍ଟର ସୁଶ୍ରୀ ସସ୍ୟା ରେଡ୍ଡି, ତହସିଲଦାର ସଦାନନ୍ଦ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନନ୍ତ ମିଶ୍ର,ସଞ୍ଜୟ କୁମାର ବାରିକ,ପ୍ରମୋଦ ପ୍ରଧାନ,ମନୋଜ ସାଭ,ଆଶୁତୋଷ ବେହେରାଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଧାରମଣ ବିଡ଼ିଆ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ରାୟଗଡା ଜିଲ୍ଲାର ତିନୋଟି ଆମ ହସ୍ପିଟାଲ ଲୋକାର୍ପିତ

ରାୟଗଡା,(ସବ୍ୟୁ): ୫-ଟି ଉପକ୍ରମରେ ଆମ ହସ୍ପିଟାଲ ଯୋଜନାରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲ୍ଲାର ୩ଟି ଆମ ହସ୍ପିଟାଲ ଅଭାସି ମାଧ୍ୟମରେ ଲୋକାର୍ପିତ ହୋଇଯାଇଛି । ଏହି ଯୋଜନାରେ ଆମ ଜିଲ୍ଲା ସଦରର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ-ଗୁଣୁପୁର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୁନିଗୁଡ଼ାର ଆମ ହସ୍ପିଟାଲ ପ୍ରକଳ୍ପ ଜରିଆରେ ରୂପାନ୍ତରିତ ହୋଇଥିବା ସରକାରୀ ଡାକ୍ତରଖାନାକୁ ଲୋକାର୍ପଣ କରାଯାଇଛି । ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଆଣିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୪୯୦ଲକ୍ଷ ବ୍ୟୟ,ଉପଖଣ୍ଡ ଚିକିତ୍ସାଳୟରେ ୩୭୬୩ ଲକ୍ଷ ବ୍ୟୟରେ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୁନିଗୁଡ଼ା ୧୬୪.୩୫ଲକ୍ଷ ବ୍ୟୟରେ ଏକ ରାଷ୍ଟ୍ରାୟତ ସଂସ୍ଥା ଆମ ହସ୍ପିଟାଲ ପ୍ରକଳ୍ପର ରୂପାନ୍ତରିତ କାର୍ଯ୍ୟଭାର ନେଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା 'ପ୍ରତିଟି ଜୀବନ ମୂଲ୍ୟବାନ' କୁ ସାର୍ଥକ କରିବ, ଅତ୍ୟାଧୁନିକ ଭିତ୍ତିଭୂମି, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସହ ରୋଗୀମାନଙ୍କୁ ସମସ୍ତ ମୌଳିକ ସ୍ୱାସ୍ଥ୍ୟ ସେବା ଯୁକ୍ତ ଏହି 'ଆମ ହସ୍ପିଟାଲ'। ଲୋକାର୍ପଣ ଉତ୍ସବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ-ଗୁଣୁପୁର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୁନିଗୁଡା ଠାରେ ଆୟୋଜନ କରାଯାଇଥିଲା । ଏହି ଅବସରରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଆମ ଜିଲ୍ଲା ତରଫରୁ ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧକ୍ଷ ଭି କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ସ୍ୱାଗତ କରିଥିଲେ । ଏହା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପ ଜିଲ୍ଲାପାଳ ଗୁଣୁପୁର କିରଣଦୀପ କୌର ସହୋତା ଏବଂ ଉପଖଣ୍ଡ ଚିକିତ୍ସାଳୟ-ଗୁଣୁପୁରର ସୁପରିଟେଣ୍ଡେଣ୍ଟ ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରାୟଗଡ଼ ମକରନ୍ଦ ମୁଦୁଲି, ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଚିକିତ୍ସାଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡାକ୍ତର ବରଦା କାନ୍ତ ମିଶ୍ର ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୁନିଗୁଡ଼ାରେ ଆୟୋଜିତ ଆମ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମରେ ମାନବୀୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସରକା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲ ମୋହନ ରାଉତରାୟ ଉପସ୍ଥିତ ଥିଲେ । ଗତମାସରେ ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ଏକ ସ୍ୱତନ୍ତ୍ର ଡାଇଲିସିସ ୟୁନିଟର ଆରମ୍ଭ କରାଯାଇଛି। ଯାହାଦ୍ୱାରା ଆମ ଜିଲ୍ଲାବାସୀ ବିଶେଷ ଭାବେ ଉପକୃତ ହେବା ସହ ଜିଲ୍ଲାର ସ୍ୱାସ୍ଥ୍ୟସେବା ପ୍ରଦାନକ୍ଷେତ୍ରରେ ଏକ ସକରାତ୍ମକ ପରିବର୍ତ୍ତନ ଘଟିବ ବୋଲି ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ ।

## ଖପ୍ରାଖୋଲରେ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୪୧ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୦୩ ଜଣକୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡ଼ା. ରାଜ ନାରାୟଣ ସ୍ୱାଇଁ, ଚକ୍ଷୁ ପରୀକ୍ଷକ ତୁଳସୀ ରାମ ସାହୁ, ବିନୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ



ବରଗଡ଼,(ସବ୍ୟୁ): ଆସନ୍ତା ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ ଅନୁଷ୍ଠିତ ହୋଯାଇଛି। ବରଗଡ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ ଅନୁଷ୍ଠିତ ହୋଇଯାଇଛି । ତାଲିମ ସଭାରେ ଅତିରିକ୍ତ ଜିଲ୍ଲାପାଳ, ମହେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ଏହି ସଭାରେ ଉପ ଜିଲ୍ଲାପାଳ, ବରଗଡ଼, କୁମାର ନାଗଭୂଷଣ, ଡେପୁଟି କମିଶନର, ସିଟି ଏବଂ ଜିଏସଟି, ନବିଦୈତ୍ୟ ନାୟକ ନିର୍ବାଚନର ଆଦର୍ଶ ଆଚରଣ ବିଧି, ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷଣ ଓ ଏମ.ସି.ଏମ.ସି. ଆଦି ବିଭିନ୍ନ ବିଷୟରେ ମାଷ୍ଟର ଟ୍ରେନର ଭାବରେ ତାଲିମ ପ୍ରଦାନ କରିଥିଲେ । ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ ।

## ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଘଣ୍ଟାପଡା,(ସବ୍ୟୁ): କନ୍ଧମାଳ ବ୍ଲକ କୁଲୁତାଜୋର ପଞ୍ଚାୟତ ଅନ୍ତର୍ଗତ ନୁଆଁପାଲି ଆଦିବାସୀ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ବିଦାୟ କାଳିନ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ସହକାରୀ ହରିହର ବେଜ, ସୌଦାଗର ମାଝୀ, ନୃତ୍ୟଗୁରୁ ସତ୍ୟ ବାଘ, ସାମ୍ବାଦିକ ପ୍ରଭାତ କୁମାର ସାହୁ, ସାମାଜିକ କର୍ମୀ ବଂଶୀଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ବିଦାୟ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବା ସହିତ ଉଚ୍ଚତର ସ୍ୱପର ମାର୍ଗରେ ଅଗ୍ରସର କରାଇବ ଏବଂ ସେ ସ୍ୱପ୍ନକୁ ଦିଶା ଦେଖାଇବା ପାଇଁ ଆଉ ଏକ ଅନୁଷ୍ଠାନ ସ୍ୱାଗତ କରିବ ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ ଲୁହଭିଜା ନେତ୍ରରେ ବିଦ୍ୟାଳୟର ଅନୁଭୂତି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ମୋସ୍କୁଲ ଅଭିଯାନ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ନବମ ଶ୍ରେଣୀର ଛାତ୍ରଛାତ୍ରୀ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ । ପରେ ସମସ୍ତ ଛାତ୍ରଛାତ୍ରୀ ମିଶି ନୃତ୍ୟଗୀତ ଆୟୋଜନ କରିଥିଲେ ।

## ସମନ୍ୱିତ ରୋଗପୋକ ପରିଚାଳନା କଲେ ଲାଭବାନ ହେବେ ଚାଷୀ



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ କୃଷି କାର୍ଯ୍ୟାଳୟ ତାଲିମ ଗୃହରେ କୃଷକ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧକ୍ଷତା କରିଥିବା ବେଳେ ତାଲିମ ଦାତା ରୂପେ ପାଟଣାଗଡ କୃଷି ଜିଲ୍ଲା ଅଧିକାରୀ ବାବୁଲି ଚରଣ ସେଠୀ, ପାଟଣାଗଡ ବ୍ଲକ୍ ସହକାରୀ କୃଷି ଅଧିକାରୀ ରଜେଶ୍ୱରି ଭୋଇ, ପ୍ରତୀକ୍ଷା ବାରିକ, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସମନ୍ୱିତ ରୋଗ ପୋକ ପରିଚାଳନା କଲେ ଚାଷୀ ଲାଭବାନ ହେବେ ବୋଲି ତାଲିମ ଦାତା ମାନେ ପ୍ରକାଶ କରିଥିଲେ । ଜୈବିକ ପଦ୍ଧତିରେ କୃଷି କରିବା ସହ ଡାଲି ଜାତୀୟ, ତୈଳ ବୀଜ ଜାତୀୟ ଓ ପନିପରିବା ଫସଲର ସୁରକ୍ଷା ଉପରେ କହିଥିଲେ। ସେହିପରି କପା ଚାଷର ପରିଚାଳନା, ଅମଳ ପରବର୍ତ୍ତୀ ପରିଚାଳନା ଉପରେ ବୁଝାଇଥିଲେ । ଏହି ଅବସରରେ ଏ ଟି ଏମ୍ ପରେଶ ମେହେର, ମାନସ ଖମାରୀ, ମିଲେଟ୍ ମିଶନ ସଂଯୋଜକ ଉମେଶ ଗୁପ୍ତା, ବିକଳ୍ପ ସଂଯୋଜକ ସୁରେଶ ବେହେରା ସମେତ କୃଷକ ସାଥି, କୃଷି ମିତ୍ର ଓ ଆଗୁଆ ଚାଷୀ ଯୋଗଦେଇଥିଲେ।

## ଅଶୋକ ମିଶ୍ର ମେମୋରିଆଲ ଫୁଟବଲ, ଝାଡେଶ୍ୱରୀ କ୍ଲବ ବିଜୟୀ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କ୍ରୀଡାସଂଘର ହଂସାମରା ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍ଆଉଟ ଫୁଟବଲ ପ୍ରତିଯୋଗିତା ର ୭ମ ଦିନର ମ୍ୟାଚ ଝାଡେଶ୍ୱରୀ କ୍ଲବ ଚିତୁଆପଡା ଓ ଆର.ଆର କଲୋନୀ ବେଦାନ୍ତ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଖେଳ ଆରମ୍ଭର ୧୧ ମିନିଟରେ ଝାଡେଶ୍ୱରୀ କ୍ଲବ ପ୍ରଥମ ଗୋଲ ଦେଇ ଆଗୁଆ ରହି ଥିଲା । ପ୍ରଥମ ଭାଗର ୨୨ ମିନିଟରେ ୨ୟ ଗୋଲ ଦେଇ ଥିଲା । ୨ୟ ଭାଗରେ ୫୦ ମିନିଟରେ ଆର.ଆର କଲୋନୀ ଗୋଟିଏ ଗୋଲ ପରିଶୋଧ କରି ଥିଲେ। କିନ୍ତୁ ପୁନଶ୍ଚ ଖେଳର ୬୦ ମିନିଟରେ ଝାଡେଶ୍ୱରୀ କ୍ଲବ ଚିତୁଆପଡା ଦଳ ପକ୍ଷରୁ ୩ୟ ଗୋଲ ଦେଇଥିଲା। ଆର.ଆର କଲୋନୀ ବେଦାନ୍ତ ଗୋଲ ପରିଶୋଧ କରି ପାରି ନଥିଲେ। ଶେଷରେ ୩-୧ ଗୋଲରେ ଝାଡେଶ୍ୱରୀ କ୍ଲବ ଚିତୁଆପଡା ବିଜୟୀ ହୋଇଛି। ଏହି ମ୍ୟାଚକୁ କିଶନ ଦାସ ,ରମଣି ମାଝି , ଅଗସ୍ତି ହାତିପଟା ଓ ଅଭିଳାଷ ପ୍ରସାଦ ସାହୁ ପରିଚାଳନା କରିଥିଲେ।

## ଭିମସାରରେ ସୁପର ସ୍ପେଶାଲିଟି କୋଠା ତୁରନ୍ତ କାର୍ଯ୍ୟକ୍ଷମ ହେବ

ସମ୍ବଲପୁର,(ସବ୍ୟୁ) : ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ସଂସ୍ଥାନ (ଭିମସାର)ରେ ନିର୍ମାଣାଧୀନ ସୁପର ସ୍ପେଶିଆଲିଟି କୋଠାକୁ ତୁରନ୍ତ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା ପାଇଁ ମତପ୍ରକାଶ ପାଇଛି। ୨୦୧୭ ମସିହାରୁ ଏହି ବହୁ ପ୍ରତିକ୍ଷୀତ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ କୋଭିଡ଼ ଯୋଗୁଁ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହୋଇଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଆସନ୍ତା ଏପ୍ରିଲ ମାସକୁ ରଖାଯାଇଛି। ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରୁ ଏହି ପ୍ରକଳ୍ପ ପାଇଁ ୮୦ କୋଟି ଟଙ୍କାର ନିର୍ମାଣ ଓ ୭୦ କୋଟି ଟଙ୍କା ଚିକିତ୍ସା ଉପକରଣ ପାଇଁ ଖର୍ଚ୍ଚ କରାଯିବ। ଏମ୍ସ, ଭୁବନେଶ୍ୱର ଏହି ସୁପର ସ୍ପେଶିଲିଏଟି ୟୁନିଟ୍ର ନୋଡ଼ାଲ କେନ୍ଦ୍ର ଭାବେ ତତ୍ତ୍ୱାବଧାରକ ହେବ ବୋଲି ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ଏହି କୋଠାରେ ଗେଷ୍ଟ୍ରୋଏଣ୍ଟ୍ରୋଲୋଜି, ଏଣ୍ଡୋ କ୍ରିନୋଲୋଜି, କ୍ଲିନିକାଲ ହେମାଟୋଲୋଜି, ପେଡିଆଟ୍ରିକ୍ ସର୍ଜରୀ ପ୍ରଭୃତି ସୁପର ସ୍ପେଶିଆଲଟି ବିଭାଗମାନ ରହିବ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନଥିବାରୁ ସୁପର ସ୍ପେଶାଲିଟି ବିଭାଗଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସୁପର ସ୍ପେଶାଲିଟି କୋଠାରେ ୬୦ଟି ଆଇସିୟୁ ୟୁନିଟ୍ ଓ ୧୮୦ଟି ସାଧାରଣ ଶଯ୍ୟା ରହିବ। ଏସବୁ କାର୍ଯ୍ୟକାରୀ ହେଲେ ଭିମସାରରେ ସାଧାରଣ ଲୋକେ ମଧ୍ୟ ଉଚ୍ଚତର ଚିକିତ୍ସା ସେବା ପାଇ ପାରିବେ। ବର୍ତ୍ତମାନ ନିର୍ମାଣାଧାନୀ କୋଠାରେ ଲିଫ୍ଟ୍ ସଂଯୋଗ, ବିଦ୍ୟୁତ୍ ବ୍ୟବସ୍ଥା ଭଳି ବିଭିନ୍ନ ଆନୁସାଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କୋଠାର ବିଦ୍ୟୁତିକରଣ ପରେ ଏବେ ଶଯ୍ୟା ଓ ରୋଗୀ ସେବା ପାଇଁ ଆବଶ୍ୟକ ଆନୁଷାଙ୍ଗୀକ ଭିତିଭୂମି କାର୍ଯ୍ୟ ଚାଲିଛି। ମାର୍ଚ୍ଚ ୩୧ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଭିମସାରକୁ ହସ୍ତାନ୍ତର କରିବ ବୋଲି ନୂଆ ତାରିଖ ଧାର୍ଯ୍ୟ ହୋଇଛି। ତା' ପରେ ଏଠାରେ ରୋଗୀ ସେବା ଆରମ୍ଭ ହେବ ବୋଲି ଭିମସାର ନିର୍ଦ୍ଦେଶକ କହିଛନ୍ତି। ଶିଶୁ ଶଲ୍ୟ ବିଭାଗରେ ୨ ଜଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଜଣେ ବିଶେଷଜ୍ଞ ଅବସ୍ଥାପିତ ଅଛନ୍ତି। ସ୍ନାୟୁରୋଗ ଏବଂ ସ୍ନାୟୁ ଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର ଭିମସାରରେ ଅଛନ୍ତି। ଆସନ୍ତା ଏପ୍ରିଲ୍ ସୁଦ୍ଧା ଏଠାରେ ରୋଗୀ ସେବା ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ଆଶା ପ୍ରକାଶ କରିଛନ୍ତି।

## ବଜାରରୁ ସ୍କୁଟି ଚୋରି

ବ୍ରଜରାଜନଗର, (ସବ୍ୟୁ): ଓରିଏଣ୍ଟ ଥାନା ଅନ୍ତର୍ଗତ କୋଣାର୍କ ଲାଇନ ଅଞ୍ଚଳର ସୁହାନ ସାଇଙ୍କ ସ୍କୁଟି ଗତ ୧୫ ତାରିଖ ସନ୍ଧ୍ୟା ବୁଢ଼ୀଜାମ ଗୁରୁବାର ବଜାରରୁ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତ ୧୫ ତାରିଖ ସନ୍ଧ୍ୟା ୫ଟା ବେଳେ ସୁହାନ ସାଇ ନିଜ ପତ୍ନୀ ଶୀଳା ସହିତ ସ୍କୁଟି (ଓଡ଼ି ୨୩ ଡ଼ି ୪୭୬୧ )ଯୋଗେ ଗୁରୁବାର ବଜାରକୁ ପନି ପରିବା କିଣିବା ପାଇଁ ଯାଇଥିଲେ। ଉଭୟ କିଣା କିଣି ସାରି ଫେରିବା ସମୟରେ ସ୍କୁଟିକୁ ପାଇନଥିଲେ। ତେଣୁ ଦୁର୍ବୃତ୍ତ ମାନେ ତାଙ୍କ ସ୍କୁଟି ଚୋରି କରିଥିବା ନେଇ ଜାଣିବାକୁ ପାଇବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଓରିଏଣ୍ଟ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ଅବକାରୀ ପୁଲିସ ସକାଳେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଗଞ୍ଜେଇ ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ମିଳିଥିବା ସୂଚନାନୁସାରେ କନ୍ଧମାଳ ଅବକାରୀ ଥାନାଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ତତ୍ତ୍ୱାବଧାନରେ ଶନିବାର ସକାଳୁ କନ୍ଧମାଳ ଥାନା ଅନ୍ତର୍ଗତ କୁମେଲବନ୍ଧ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିଲେ । ଏହି ସମୟରେ କୁମେଲବନ୍ଧ ଛକ ରାସ୍ତାରେ ଗୋଟିଏ ବସ୍ତା ନେଇ ଯାଉଥିବା ଜଣେ ବ୍ୟକ୍ତିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ବସ୍ତା ଭିତରୁ ଗଞ୍ଜେଇ ଜବତ କରିଥିଲା । ଜବତ ଗଞ୍ଜେଇ ର ପରିମାଣ ୧୨.୫କିଲୋଗ୍ରାମ ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ଜଣକ ଲୋକନାଥ ଦିଗାଲ (୪୭) ବୋଲି ତଦନ୍ତରୁ ଜଣାଯାଇଥିଲା । ଏନେଇ କନ୍ଧମାଳ ଅବକାରୀ ଥାନା ପକ୍ଷରୁ ଏନଡିପିଏସ କେଶ ନମ୍ବର ୧୭୫/୨୦୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନାଧିକାରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି ।

## ବସନ୍ତ ପଞ୍ଚମୀରେ ଭଜନ ସଙ୍ଗୀତ ଆସର

ନୂଆପଡ଼ା,(ସବ୍ୟୁ): ନୂଆପଡ଼ାର ଅଗ୍ରଣୀ ଶିକ୍ଷା ସଂସ୍ଥା ସ୍ଥାନୀୟ ଅଭ୍ୟୁଦୟ ବିଦ୍ୟା ନିକେତନ ପରିସରରେ ବାକ ଦେବୀ ମା ବୀଣାପାଣିଙ୍କ ପୂଜନୋତ୍ସବରେ ଏକ ଭିନ୍ନ ଧରଣର ଏକତା ଦେଖିବାକୁ ମିଳିଛି । ସ୍ଥାନୀୟ କଳାକାରଙ୍କୁ ନେଇ ଏକ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା । ନୂଆପଡାରେ ଗଢ଼ି ଉଠିଥିବା ସମସ୍ତ ସଂଗୀତ ଅନୁଷ୍ଠାନର କଳାକାର ଉପସ୍ଥିତ ହୋଇ ମା'ଙ୍କ ସମ୍ମୁଖରେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ସ୍ଥାନୀୟ କଳାକାର ନିଜର ପରିବାର ସହ ଯୋଗ ଦେଇ ସଂଗୀତର ଆନନ୍ଦ ନେବା ସହ ଆୟୋଜକ ଶୈଳେନ୍ଦ୍ର କୁମାର ଶତପଥି ଏମ ଏସ ଏସ ମ୍ୟୁଜିକ୍ ନିର୍ଦ୍ଦେଶକ ଏବଂ ଅଭ୍ୟୁଦୟ ବିଦ୍ୟା ନିକେତନ ନିର୍ଦ୍ଦେଶକଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ । ନ୍ୟାସନାଲ କଲେଜର ପ୍ରଫେସର କପିଳେନ୍ଦ୍ର ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁଶାନ୍ତ ଯୋଷୀ, ବୁଲୁ ରଥ, ବିଜୟଲକ୍ଷ୍ମୀ ଶତପଥି, ଏ.ଭି.ଏନ. ପ୍ରିନ୍ସପାଲ ନିତୁଶ୍ରୀ ବାଗ ଯାଦବ ଯୋଗ ଦେଇଥିଲେ । ସଙ୍ଗିତ ଆସର ଶେଷରେ ଏମ.ଏସ. ନିର୍ଦ୍ଦେଶକ ଶୈଳେନ୍ଦ୍ର ଶତପଥି ସମସ୍ତଙ୍କ ଉପସ୍ଥିତି ପାଇଁ କାର୍ଯ୍ୟକ୍ରମ ସଫଳ ହୋଇଥିବା ଓ ଏକତା ଓ ଅତ୍ମୀୟତା କଳାକାର ମାନଙ୍କ ଭିତରେ ଥାଉ ଏବଂ ଏକତା ବଦ୍ଧ ହୋଇ ନୂଆ କଳାକାରଙ୍କୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଗଣ୍ଡପତ୍ରାପାଲିରେ ପଞ୍ଚାୟତସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା



ସଇଁତଲା,(ସବ୍ୟୁ): ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳର ବିକାଶର ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟିକା ତଥା ଜଳ ସମ୍ପଦ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଜେଡ଼ି ନେତା ଅଜୟ ଦାଶ, ଜିଲ୍ଲାପରିଷଦ ସଭ୍ୟା ହିମାଞ୍ଚଳ ବୁଢ଼େକ, ଏବିଡ଼ିଓ ଲକ୍ଷ୍ମଣ ମାଝୀ, ସଇଁତଲା ସାମ୍ବାଦିକା ସଂଘ ସଭାପତି ତରୁଣ କୁମାର ବେହେରା, ସମିତି ଅମ୍ରିତା ଦୀପ,ନାଏକ ସରପଞ୍ଚ ସଂଯୁକ୍ତା ତାଣ୍ଡି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏମବିକେ ମାଳତି ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ ମୁଖ୍ୟମନ୍ତ୍ରୀ ନବୀ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟାବଳୀ ଉପରେ ମନ୍ତ୍ରୀ ଶ୍ରୀମତୀ ସାହୁ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅବଗତ କରିଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରାଜ୍ୟ ସରକାରଙ୍କ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥି,ଏଥିରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀଷ୍ମ କୁମ୍ଭାର, ଅମିତ ଦୀପ,ଜିଆରଏସ ସୋନୁ ସିଂ ବାବୁ,ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ,ଏମ୍ବିକେ, ସିଆର୍ପି, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ, ମହିଳା ଏସଏଚଜି ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କୋରାପୁଟ,(ସବ୍ୟୁ): କୋରାପୁଟ ବ୍ଲକ ଅନ୍ତର୍ଗତ ବଡସୁକୁ ହାଇସ୍କୁଲ ପଡିଆରେ ବଡସୁକୁ ସରପଞ୍ଚ ରାମା କାଲପାଡିଆଙ୍କ ଅଧକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ବଡସୁକୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛିଛ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ରୂପାନ୍ତରିତ କରଣ ବିଷୟରେ ଆଲୋକପାତ କରିଥିଲେ । ବହୁ ପ୍ରତିକ୍ଷୀତ ସୁକୁବ୍ରିଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮୨ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଟେଣ୍ଡର ଡକାଯାଇ ଯଥାଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି । ବଡସୁକୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଖାପାଖି ୧କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡା,ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି,ଏସଡିସି ସଭ୍ୟ ପର୍ଶୁ ମୁଦୁଲି,ସମିତି ସଭ୍ୟ ଭଗବାନ ସୁକିଆ,ପଞ୍ଚାୟତ ସଭାପତି ଦିନବନ୍ଧୁ ଖରା,ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ପାଟ୍ଟନିଆ,ସମାଜସେବୀ ଧନଦାସ ଖିଲଙ୍କ ସମେତ ପୂର୍ବତନ ସମିତିସଭ୍ୟ, ୱାର୍ଡ ମେମ୍ବର ଏବଂ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ । କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ରେସନ କାର୍ଡ଼,ମମତା ଯୋଜନା ଓ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ସହ ମିଶନ ଶକ୍ତି ମହିଳାଙ୍କ ପାଇଁ ବହୁ ବିକାଶ ମୂଳକ କାର୍ଯ୍ୟ ପ୍ରସ୍ତୁତ କରାଯାଇଥିବା ଅତିଥି ମାନେ ନିଜ ଭାଷଣରେ ପ୍ରକାଶ କରିଛନ୍ତି। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ଆକର୍ଷଣୀୟ ଷ୍ଟଲ୍ ମାନ ଖୋଲାଯାଇ ରାଜ୍ୟସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକର ସଚେତନତା କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଜିକ ଚାଲି ଚଳନ ଓ ସୁରକ୍ଷାକୁ ନେଇ ସଚେତନ ମୂଳକ ନାଟକ ଓ ନୃତ୍ୟ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ




ମୁରିବାହାଲ,(ସବ୍ୟୁ): ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ପକ୍ଷରୁ ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ଓ ବାହୁପଲା ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ରାମଦାସ ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ବିଜେଡ଼ି ଜିଲ୍ଲା ସମ୍ପାଦକ ଫିରୋଜ ଖାଁ, ସମାଜସେବୀ ଟେଙ୍କୁରାମ ବାଗ, ବ୍ଲକର କନିଷ୍ଠ ଯନ୍ତ୍ରୀ ତଥା ନୋଡାଲ ଅଧିକାରୀ ଦାଶରଥି ଶବର,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯୋଧନ ମେହେର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଯୁଧିଷ୍ଠିର ପୁଟେଲ,ନାଏବ ସରପଞ୍ଚ ପ୍ରତିନିଧି ବଳିଆର ମାଝୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଜିଆରଏସ ଡୋଳାମଣି ସାହୁ, ଯୋଗାଣ ସହାୟକ ପାର୍ଥବ ଜାନୀ ଓ ଜିଓ ଟ୍ୟାଗ ଭୋଳାନାଥ ବସ୍ତିଆ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକାରର ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ବ୍ଲକ ଅଧକ୍ଷ ଶ୍ରୀ ମେହେର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ପରେ ଆମ ଓଡିଶା ନବୀନ ଓଡିଶାରେ ଡଙ୍ଗରପଡ଼ା ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରିଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଭିନ୍ନ ବିଭାଗ ପକ୍ଷରୁ ସଚେତନଧର୍ମି ଷ୍ଟଲ ଖୋଲାଯାଇଥିଲା। ପ୍ରକୃତିପ୍ରେମୀ ଦେବରାଜ ଲୁହା ସଭା ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ବାହୁପଲା ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ, ସମିତି ସଭ୍ୟ ଜଳନ୍ଧର ପ୍ରଧାନୀ, ରାଜ୍ୟସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯୋଧନ ମେହେର,ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଜିଆରଏସ ରାଜେନ୍ଦ୍ର ପ୍ରସାଦ ବେହେରା, ଯୋଗାଣ ସହାୟକ ଏକତା କୁମ୍ଭାର ଓ ଜିଓ ଟ୍ୟାଗ ଶରତ କୁମାର ମାଝୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକାରର ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ବ୍ଲକ ଅଧକ୍ଷ ଶ୍ରୀ ମେହେର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ପରେ ଆମ ଓଡିଶା ନବୀନ ଓଡିଶାରେ ବାହୁପଲା ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରିଥିଲେ।ଏହାପରେ ରୁଣିମଣି ପ୍ରଧାନୀଙ୍କ ସହ ବିଭିନ୍ନ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଭିନ୍ନ ବିଭାଗ ପକ୍ଷରୁ ସଚେତନଧର୍ମି ଷ୍ଟଲ ଖୋଲାଯାଇଥିଲା ।

## ମେଘପାଲରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ମେଘପାଳ ପଂଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମେଘପାଳ ସରପଞ୍ଚ ମମତା ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ୧୫ଟି ଯୋଜନା ନେଇ ଆଲୋକପାତ କରିଥିଲେ । ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ରାଜ୍ୟର ଅନେକ ବିକାଶ ଘଟିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୋଡାଲ ଅଫିସର ସୁନାତନ କେନ୍ଦୁ, ଛାମୁଣ୍ଡା ସରପଞ୍ଚ ବନିତା ଭୋଇ, ଗଡଲୋଇସିଂହ ସରପଞ୍ଚ ଖୁଲଣା ବେହେରା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିନ୍ଧା , କେଶାପାଲି ସରପଞ୍ଚ ରିତାଞ୍ଜଳି ନାଏକ, ନାଏବ ସରପଞ୍ଚ ଅଜୟ କାଣ୍ଡକନା ଓ ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାୟକ ଯୋଗ ଦେଇ ବିକାଶ ସଂପର୍କରେ କହିଥିଲେ । ବ୍ଲକ କୃଷି ଅଧିକାରୀ ମନୋରଂଜନ ସେଠୀ ଯୋଗ ଦେଇ କୃଷି ଓ କୃଷକର ଉନ୍ନତି ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ଏବଂ କାଳିଆ ଯୋଜନା ଉପରେ କହିଥିଲେ । ଏହି ଅବସରରେ ଜନସଚେତନତା ପାଇଁ ଏକ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ମେଘପାଳ ହାଇସ୍କୁଲ ଓ ଲିଟିଲ୍ ଫ୍ଲାୱାର ସ୍କୁଲର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଂଚାୟତର ବିଭିନ୍ନ ଗ୍ରାମର ହିତାଧିକାରୀଙ୍କ ସହ ଜନ ପ୍ରତିନିଧି ଯୋଗ ଦେଇ ଥିଲେ । ଶେଷରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମେ ଓଡ଼ିଆ –ଆମ ଭାଷା ଓଡ଼ିଆ

## ହିମାଂଶୁ ଶେଖର ଆଚାର୍ଯ୍ୟ

କୁହାଯାଏ ମାତୃଭାଷା ମା'ର ଭାଷା – ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ମାତ୍ର ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ଆମ ଭାଷା ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା ରୂପେ ଶାସ୍ତ୍ରୀୟ ମାନ୍ୟତା ପାଇଲା ।

ଏହା ଆମ ଅସ୍ମିତାର ବିଜୟ କହିଲେ ଭୁଲ ହେବା ନାହିଁ । ଏବେ ରାଜ୍ୟ ସରକାର ଚଳିତ ଫେବୃୟାରୀରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଠାରେ ଆୟୋଜନ କରି ଆମ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ । ଆଗାମୀ ଦିନରେ ଏହା ଆମ ଭାଷା ସାହିତ୍ୟକୁ ପ୍ରସାର ପ୍ରଚାର କରିବାରେ ସହାୟକ ହେବ । ଏହି ସମ୍ମିଳନୀରେ ଆମ ସାରସ୍ୱତ ସ୍ରଷ୍ଟାମାନଙ୍କର କୃତି ଓ କୀର୍ତ୍ତିକୁ ବଖାଣିବା ସହ ଅନେକ ସାରସ୍ୱତ ସ୍ରଷ୍ଟାମାନଙ୍କର ଗୁଣଗାନ କରାଯାଇଛି । ଆଦିକବି ସାରଳା ଦାସ, ଭଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବ୍ୟାସକବି ଫକୀର ମୋହନ, ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ପର୍ଯ୍ୟନ୍ତ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସ୍ମରଣ କରିବାର ସୁଯୋଗ ସୃଷ୍ଟି କରାଯାଇଛି ।

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା – ଚୀନ, ସ୍ପେନିଶ୍, ଇଂରାଜୀ, ହିନ୍ଦି, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ ।

ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହି କଥାକୁ ଲକ୍ଷ୍ୟ ରଖି 'ୟୁନେସ୍କୋ' ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ଉଦ୍ଦେଶ୍ୟ ହେଲା ବିଶ୍ୱରେ ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟ ରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା ଭଳି ମନେହୁଏ । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ପ୍ରାୟ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ଏକରକମ ପଡିଯାଇଛୁ କହିଲେ ଚଳେ । ସେ ସବୁ ସାହିତ୍ୟ ପ୍ରତି ଅନେକଙ୍କ ଆଗ୍ରହ ରହିଛି । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା – ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି ।

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଧୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ହୋଇପାରି ନାହିଁ ତଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବେଳକୁ ବେଳ ଏକରକମ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି ଯେମିତି । ମାହାତ୍ମା ଗାନ୍ଧି ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି କହିଥିଲେ, 'ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା,ମାତୃଭାଷାକୁ ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ' । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି ।

ଇତି ମଧ୍ୟରେ ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ୧୦ ବର୍ଷରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ଆମ ଭାଷାର ସ୍ଥିତି ଓ ପ୍ରଗତି କେତେ ଦୂର ଆଗେଇଛି ତାହା ଆମେ ସମୀକ୍ଷା କରିବାର ସମୟ ଆସିଛି । ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ୍ ନୁହେଁ । ଏଥିପାଇଁ ଆମକୁ ମାନସିକ ସ୍ତରରେ ହୀନମନ୍ୟତା ପରିହାର କରିବାକୁ ପଡିବ । ବ୍ୟାସକବି ଫକୀର ମୋହନଙ୍କ ଭାଷାରେ–

*'ଭାଷା ଯେ ଜୀବନୀ ଶକ୍ତି ଜାତିମାନଙ୍କର,*
*ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର' ।*

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ ଏହା ଭବିବା ଭୁଲ୍ । ଭାଷା ପ୍ରତି ଆମ ସମସ୍ତଙ୍କର ହୃଦୟରେ ମମତା ରହିଲେ ହିଁ ଏହା ଅର୍ଥାତ୍ ଆମ ଭାଷା ବଞ୍ଚିପାରିବ ।

**ସଭାପତି,ସାରସ୍ୱତ ପରିଷଦ,**
**ଜଗତସିଂହପୁର**
**ମୋ – ୯୯୩୭୧୫୧୦୫୨**

# ଓଡ଼ିଆ ସାହିତ୍ୟର କାବ୍ୟପୁରୁଷ ନନ୍ଦକିଶୋର

## ଭାବଗ୍ରାହୀ ରାଉତ

**ଓଡ଼ିଆ ଜାତିର କାବ୍ୟ ପୁରୁଷ, ଓଡ଼ିଆ ସାହିତ୍ୟର ନବୀନ ଯୁଗର ବିଶ୍ୱକର୍ମା, ପ୍ରଥିତଯଶା ସାରସ୍ୱତ ସାଧକ ନନ୍ଦକିଶୋର ବଳଙ୍କ ଲେଖନୀରୁ ଝରିଛି ଅନେକ କବିତା । କବିତାରେ ଫୁଟି ଉଠିଛି ପଲ୍ଲୀର ଦୃଶ୍ୟ, ପଲ୍ଲୀ ପ୍ରକୃତି, ପଲ୍ଲୀ ଜୀବନ, ପଲ୍ଲୀର କଥା, ମାଟି ମାଆକୁ ଭଲ ପାଇବା, ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ । ଓଡ଼ିଆ ଜାତିର ଅତୀତ ଗୌରବ ଓ ପଲ୍ଲୀର ନୈସର୍ଗିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରସାର କରିବା ପାଇଁ ସେ ନେଇଛନ୍ତି ସଂକଳ୍ପ । ପଲ୍ଲୀ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା । ସେ ଏକାଧାରାରେ ଥିଲେ କବି, ସାହିତ୍ୟିକ ଓ ଔପନ୍ୟାସିକ । ଗଦ୍ୟ ରଚନା କରିବାରେ ତାଙ୍କର ଦକ୍ଷତା ମଧ୍ୟ ଥିଲା ।**

'ଡାମରା କାଉରେ ଡାମରା କାଉ,
ଉଚ୍ଚ ପରବତେ ବୋବାଉଥାଉ।
ଉଚ୍ଚ ପରବତ ଘୁଞ୍ଚି ଘୁଞ୍ଚିକା,
ତହିଁରେ ବସିଛି ତିନି ମିକା।
ତିନି ତିନି ପଣ ଅଠର ପଣ,
ଭାଇକୁ ଡକାଇ କଉଡ଼ି ଗଣ।
କଉଡ଼ି ଗଣାରେ ପାହିଲା ରାତି,
ଚୋର ନେଇଗଲା କଜଳପାତି।'
*(ଗ୍ରନ୍ଥାବଳୀ, ପୃ.–୬୫୪)*

ପଲ୍ଲୀକବିଙ୍କର କବିତା ଥିଲା, ସରଳ, ବୋଧଗମ୍ୟ, ପଲ୍ଲୀର ପ୍ରଚଳିତ ଗୀତବୋଲି ଓ ଲୋକ କାହାଣୀର ଅଂଶବିଶେଷ । ତାଙ୍କ ସାହିତ୍ୟ କୃତିରେ ପ୍ରତିବିମ୍ବିତ ହୁଏ ପଲ୍ଲୀଚେତନାର ବାସ୍ତବତା ଯାହାକି ଶିଶୁ–ଯୁବା–ବୃଦ୍ଧ ସମସ୍ତଙ୍କ ପ୍ରାଣଙ୍କୁ ଆହ୍ଲାଦିତ କରେ ।

ଓଡ଼ିଆ ଜାତିର କାବ୍ୟ ପୁରୁଷ, ଓଡ଼ିଆ ସାହିତ୍ୟର ନବୀନ ଯୁଗର ବିଶ୍ୱକର୍ମା, ପ୍ରଥିତଯଶା ସାରସ୍ୱତ ସାଧକ ନନ୍ଦକିଶୋର ବଳଙ୍କ ଲେଖନୀରୁ ଝରିଛି ଅନେକ କବିତା । କବିତାରେ ଫୁଟି ଉଠିଛି ପଲ୍ଲୀର ଦୃଶ୍ୟ, ପଲ୍ଲୀ ପ୍ରକୃତି, ପଲ୍ଲୀ ଜୀବନ, ପଲ୍ଲୀର କଥା, ମାଟି ମାଆକୁ ଭଲ ପାଇବା, ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ । ଓଡ଼ିଆ ଜାତିର ଅତୀତ ଗୌରବ ଓ ପଲ୍ଲୀର ନୈସର୍ଗିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରସାର କରିବା ପାଇଁ ସେ ନେଇଛନ୍ତି ସଂକଳ୍ପ । ପଲ୍ଲୀ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା । ସେ ଏକାଧାରାରେ ଥିଲେ କବି, ସାହିତ୍ୟିକ ଓ ଔପନ୍ୟାସିକ । ଗଦ୍ୟ ରଚନା କରିବାରେ ତାଙ୍କର ଦକ୍ଷତା ମଧ୍ୟ ଥିଲା ।

ବାଲ୍ୟକାଳରେ ଦେଖିଥିଲେ ବିରୂପାନଦୀ, ନଈପଠାରେ ଖଜୁରୀ ଗଛ, ତାଳବଣ, ଗହୀର ବିଲର ବେଣାବୁଦା, ଗାଁ ମଶାଣୀ, ଆମ୍ବତୋଟା, କାଶତଣ୍ଡୀ ଫୁଲ ଏମିତି ଅନେକ କିଛି । ଗ୍ରାମ, ଚାଟଶାଳୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ପରିସମାପ୍ତି ପରେ ଭକ୍ତମଧୁ ବିଦ୍ୟାପୀଠରୁ ମାଇନର୍ ପାସ୍ କରିଥିଲେ । ରେଭେନ୍‌ସା କଲଜିଏଟ୍ ପଢ଼ିବା ସମୟରେ ବ୍ରାହ୍ମଧର୍ମ ଗ୍ରହଣ କରି କେନ୍ଦ୍ରାପଡ଼ା ହାଇସ୍କୁଲ୍‌ରେ ନାମଲେଖାଇ ଓଡ଼ିଶାରେ ପ୍ରଥମଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ରେଭେନ୍‌ସା ମହାବିଦ୍ୟାଳୟରୁ ୧୮୯୮ ରେ ବି.ଏ. ପାସ୍ କରି କଟକ ଟାଉନ୍ ହଲ୍‌ରେ ଶିକ୍ଷକତା, ୧୯୦୩ ମସିହାରେ ଜିଲ୍ଲାବୋର୍ଡ଼ ସ୍କୁଲ୍‌ରେ ସବ୍‌ଇନ୍‌ସପେକ୍ଟର, ୧୯୦୭ରେ କଟକ ଟ୍ରେନିଂ ସ୍କୁଲ୍‌ରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ୧୯୧୦ରେ କଲିକତାର ଡେଭିଡ୍ ହାୟାର ଟ୍ରେନିଂ କଲେଜରେ ବି.ଟି. ଅଧ୍ୟୟନ କରିବା ସମୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂସ୍ପର୍ଶରେ ଆସି ରଚନା କଲେ ଏକ ଦୀର୍ଘ କବିତା 'ସନ୍ଧ୍ୟାତାରା' । ୧୯୧୧ ରେ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଲେ । ସମ୍ବଲପୁରରୁ ପ୍ରକାଶ ପାଉଥିବା 'ସମ୍ବଲପୁର ହିତୈଷିଣୀ' ରେ ତାଙ୍କର କେତେକ ଲେଖା ପ୍ରକାଶ ପାଇବାଦ୍ୱାରା ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହି ସମୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସହ ସଂପର୍କ ହେବା ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ସାଧିତ ହୋଇଥିଲା । ତତ୍ପରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ପ୍ରଧାନଶିକ୍ଷକ, ଜିଲ୍ଲାର ଡେପୁଟି ଇନ୍‌ସପେକ୍ଟର ଭାବେ ଯୋଗଦାନ କରି ଫକୀରମୋହନ ସେନାପତିଙ୍କ ସାନ୍ନିଧ୍ୟ ଲାଭକରି ୧୯୧୪ ରେ ରଚନା କଲେ 'କନକଲତା' ଉପନ୍ୟାସ ।

୧୯୨୦ ମସିହାରେ ପୁରୀ ଜିଲ୍ଲା ସ୍କୁଲ୍ ସମୂହର ଇନ୍‌ସପେକ୍ଟର କାର୍ଯ୍ୟକରି ପୁନର୍ବାର ବାଲେଶ୍ୱର ଜିଲ୍ଲା ସ୍କୁଲ୍‌କୁ ବଦଳି ହୋଇଥିଲେ । ତାଙ୍କର ସାମଗ୍ରିକ ଜୀବନ ଥିଲା ଶିକ୍ଷା କ୍ଷେତ୍ରରେ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କଲେ ବହୁବିଧ ରଚନାରେ, ସେଗୁଡ଼ିକ ହେଲା, କାବ୍ୟ – ସୀତାବନବାସ, କୃଷ୍ଣ କୁମାରୀ, ଶର୍ମିଷ୍ଠା, କବିତା – ପଲ୍ଲୀଚିତ୍ର, ନିର୍ଝରିଣୀ, ବସନ୍ତ – କୋକିଳ, ତରଙ୍ଗିଣୀ, ଚାରୁଚିତ୍ର, ଜନ୍ମଭୂମି, ନିର୍ମାଲ୍ୟ, ପ୍ରଭାତ – ସଂଗୀତ, ସନ୍ଧ୍ୟା – ସଂଗୀତ, ଉପନ୍ୟାସ – କନକଲତା, ଗଳ୍ପ – ଲକ୍ଷ୍ମୀ, ଲାବଣ୍ୟ ପ୍ରବନ୍ଧ ଓ ସମାଲୋଚନା – କବିବର ରାଧାନାଥ ଓ ତଦୀୟ କବିତା ଉତ୍କଳ – କବି ଫକୀରମୋହନ ଏପରି ଅନେକ ।୧୮୭୫ ମସିହା ଡିସେମ୍ବର ୨୨ତାରିଖ ଆଜିର ଦିନରେ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟଜଗତରେ ତାଙ୍କ ପରି ଅନେକ କବି ଜନ୍ମ ନେଇଛନ୍ତି, କିନ୍ତୁ ବାଲ୍ୟସ୍ମୃତିରେ ପଲ୍ଲୀ ପ୍ରକୃତିକୁ ଆଧାର କରି କବିତା ସୃଷ୍ଟି କରିବାରେ ତାଙ୍କୁ କେହି ଆଜି ପର୍ଯ୍ୟନ୍ତ ଟପି ପାରିନାହାନ୍ତି । ଯଥାର୍ଥରେ ନନ୍ଦକିଶୋର ପଲ୍ଲୀକବି ଭାବରେ ଓଡ଼ିଆ ସାହିତ୍ୟ ଆକାଶରେ ଜଣେ ଚିରସ୍ମରଣୀୟ ଉଜ୍ଜ୍ୱଳ ଜ୍ୟୋତିଷ୍କ ।

**ସଭାପତି, ମାହାଙ୍ଗା ସାରସ୍ୱତ ସେବାମଞ୍ଚ,**
**ମୋ– ୯୬୬୮୦୭୬୦୨୪**

## ପାହୁଣ୍ଡ

ଏକ ପାହାଡୀ ମନ୍ଦିରର ପଙ୍କିଳ ପାହାଚଉପରେ ଚଢିବାବେଳେ ଆରମ୍ଭର ଉତ୍ସାହ କିଛିଟା ଫିକା ପଡିସାରିଥିଲା । ପାହୁଣ୍ଡ ଆସ୍ତେ ଆସ୍ତେ ଉଠୁଥାଏ ଏବେ । ଗୋଡକୁ ଟିକେ ବୁଲେଇ ଫେର ଚଢିଲାବେଳକୁ ହାତ ଆଣ୍ଠୁ ଉପରେ ଅଟକିଗଲା । ସେଇଠୁ ଜଣେ ଖର୍ବକାୟ ଟିକି ପାହାଡୀବାଳକ ବାହାରି ଚାଲି ଯାଉଥିବାବେଳେ ଭାରି ହସ ମାଡିଲା । କ୍ଷୀରରେ ସିନ୍ଦୂର ମିଶା ରଙ୍ଗ ଭଳି କେରାକେରା ସୁନେଲିକେଶ ଓ ଟିକିଟିକି ତୋଫା ଦାନ୍ତଗୁଡିକ ମଧ୍ୟ ତା ଚିଡିଚିଡା ପଣକୁ ରୋକିପାରିଲା ନାହିଁ । ଫେଁ କିନା ହସିଲେ କଣ ହୋଇଯାଉଛି ଯେ । ଏକଥା ଶୁଣିବାମାତ୍ରେ ସେ ଠୋ ଠୋ ହସିଉଠିଲା । ତା ଛଳକୂଟରେ ଉଡାଣ ବି ଥିଲା ଏଥର । ସେ ମୋଡ ଉପରେ ବୁଲି ପଡିବାବେଳେ ବିରକ୍ତଭରା ସ୍ୱରରେ ପଚାରିଲା ଏତିକି କହିକରି ଯାଅ, ଆଉ କେତେ ଚଢିବ ଏବେ । ସେ କେରାଏ ହସ ଉଛୁଳାଇ କହିଲା ଚଢି ଚଢି ତ ଯାଉଛି, ପହଁଚିଯିବି ଯେ ।

ସେ ମୋଡ ଉପରେ ବୁଲିପଡି ଚାଲି ଯାଇଥିଲା, ହେଲେ ମତେ ଥମ୍‌କିନା ଅଟକିବାକୁ ପଡିଲା । ମୋ ପାଦ ସେଠୁ ଆଗକୁ ବଢିଲା ନାହିଁ । ସତକଥା କହିବାକୁ ଗଲେ ସେ ଗତି ସହିତ ପ୍ରଗତିର କୁଆଡେ ସମ୍ପର୍କ ଥିଲା ।

# ତିନୋଟି କ୍ଷୁଦ୍ରଗଳ୍ପ

## ନଗେନ୍ଦ୍ର ନାଥ ପଟ୍ଟନାୟକ

## ପୁରୁଣାଶାଲ୍

ରଙ୍ଗ ଉଡି ଯାଇଥିବା ପୁରୁଣା ମୁଲାୟମ ଶାଲ ଖଣ୍ଡିକ କାନ୍ଧରେ ପକେଇ ବୟସ୍କା ସ୍ତ୍ରୀଲୋକଟି ବେଶ୍ ଉତ୍କଣ୍ଠାର ସହ ପ୍ରତୀକ୍ଷା କରିଥାଏ ରେଲଷ୍ଟେସନରେ । ବାରମ୍ବାର ମୁଣ୍ଡ ଉପରକୁ ଉଠାଉଥାଏ । ନଜର ବୁଲାଇବାର ଅସୌଜନ୍ୟତାକୁ ନିରୀକ୍ଷଣ କରି ମଧ୍ୟ ସେ ହସି ଉଠୁଥାଏ ମୁଚିକି ମୁଚିକି । ମେଲ୍ ରେଲଗାଡିକୁ ତା ଆଖି ଯୋଡିକ କଣ କିଛି ଖୋଜି ବୁଲୁଥିଲା । ଆଗକୁ ଟିକିଏ ଝୁଙ୍କିପଡି ଧୀମାସ୍ୱରରେ କହିଲା –ଉପହାରଟେ ଅଛି ।

ଜବାବ୍‌ରେ ସ୍ମିତହସ ମିଳିଗଲା ବେଳେ ଅନ୍ଦାଜ କରିକି ଛିଟା କ୍ଷୀଣ ସ୍ୱରରେ କହିଲା– ବାହାଡୋଳା ହେବା ପରେ ଆମେ ପାହାଡମାଳା ଉପରକୁ ଯାଇଥିଲୁ । ଭୀଷଣ ଜାଡରେ ଦେହ ଗୋଟାପଣେ ଠକ୍‌ଠକ୍ ଥରିବା ଦେଖି ଏଇଟା ଖର୍ଦ୍ଦିକରି ନେଇଆସିଚୁ । ମାଆବାପା ଏଇଟାକୁ ଖୋଜାଖୋଜି କରୁଥିଲେ ଆମପାଇଁ । ଆମେ ତ ସେଦିନୁ ଜାଣୁ ଏହାକୁ । ଏତକ କହୁ କହୁ ତା ସିନ୍ଥିରୁ ଲାଲ ସିନ୍ଦୂର ରଙ୍ଗ ତା କପୋଳ ସାରା ବିଛେଇ ହୋଇଗଲା ।

ଗାଲସାରା ଝୁର ଝୁର ସିନ୍ଦୂରରଙ୍ଗ ବୁଣି ହୋଇଯିବାରୁ ଗାଲର ବ୍ରଣଗୁଡିକ ଖୁବ୍‌ସୁନ୍ଦର ,କମନୀୟ ଦିଶିଲେ । ହାଲ୍‌କା ହାତରେ ଶାଲ୍‌କୁ ଛୁଆଁଇ ସେଥିରେ ଯୋଡିହୋଇ ରହିଥିବା ସ୍ମୃତିକୋଷ ପର୍ଯ୍ୟନ୍ତ ପହଁଚି ଯାଉଥିଲା ସେ । ଏଟା ଥିଲା ତାର ସୁଖ ଆନନ୍ଦର ସ୍ୱରୂପ ।

## ନିଜ କାମରେ ବ୍ୟସ୍ତ

କାମବାଲୀ ସ୍ତ୍ରୀଲୋକଟି ନିଇତି କାମପାଇଟି କରିବାଲାଗି ପଡିଶା ଘରକୁ ଆସେ । ସଫାସୁତରା ଶାଢିଖଣ୍ଡିକ ବେଶ୍ ବ୍ୟବସ୍ଥିତ ଭାବେ ପରିଧାନ କରିଥାଏ । ମୁଣ୍ଡର କେଶରାଶି ମଧ୍ୟ ସୁବିନ୍ୟସ୍ତ, କେଶଟିଏ ବି ଅନ୍ତର ହୋଇ ବେଣୀକୁ ବି ସ୍ପର୍ଶ କରୁ ନଥାଏ ତାର । ମିତଭାଷୀ, କିନ୍ତୁ ଶ୍ରବଣ କରିବାରେ ପଟୁ ।

ସେଦିନ କଣ ଭାବିଲା କେଜାଣି ସେ ଘର ପାଇଟି ତୁଟାଇ ସାରିବା ପରେ ଘର ବାହାରେ ତିଆରି ହୋଇଥିବା ପଥୁରିଆ ରାସ୍ତାରେ ବସିପଡିଲା ଲଥ୍‌କିନା । ତା ଆଖି ସାମାନାରେ ଥିବା ବିସ୍ତୀର୍ଣ୍ଣ ବିଲରେ ପବନ ଦୋଳାରେ ମୁଣ୍ଡ ହଲାଉଥିବା ଫୁଲଗଛ ଉପରେ ଘୂରି ବୁଲୁଥିବା ଛାପି ଛାପିକା ପରଜାପତିକୁ ଲକ୍ଷ୍ୟକରି ଗୁଣ୍ଡିଚିମୂଷା ଭଳି ତା'ର କୁନିଝିଅଟି ଆନନ୍ଦରେ ଡେଇଁ ଡେଇଁ କୁହାଟ ଛାଡୁଥିଲା ।

ବେଳେବେଳେସେ ପୁଲକିତ ହୋଇ ମୁରକି ମୁରକି ହସୁଥାଏ ତ କେବେ କେବେ ତା ଆଖି ହଳକରେ ଗମ୍ଭୀରତା ଛାଇ ହୋଇଯାଏ । ନିଜ କାମରେ ବ୍ୟସ୍ତ ରହେ ସଦାବେଳେ । ନିବୁଜ କୋଠରି ଭିତରେ ଧାଁ–ଧପଡ କରୁଥିବା ସେ କର୍ମଠ ସ୍ତ୍ରୀଲୋକଟି ସେଦିନ ତା' କନ୍ୟାରତ୍ନକୁ ପ୍ରାପ୍ତ ହୋଇଥିବା ଅସୀମସୁଖ ଆହ୍ଲାଦରେ ଟିକିଏ ବି ବିରାମ ନେଇ ଆନନ୍ଦ ଉପଭୋଗ କରିନଥିଲା ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,**
**ଓଡିଶା ସରକାର, ଓସ୍କାରସିଟି,**
**ଲକ୍ଷ୍ମୀସାଗର କେନାଲରୋଡ୍ ,**
**ଭୁବନେଶ୍ୱର, ମୋ–୯୪୩୮୩୩୨୧୩୮**

# କବିତା

## ଭଲ ପାଇବା ଆମ ଭାଷାକୁ

### ଧ୍ରୁବ ଚରଣ ଘିବେଲା

ଭଲ ପାଇବା ଆଗ ନିଜକୁ
ନେବା ନିଜର ଯତ୍ନ
ଭଲ ରହିବା ଆଜି ଦିନରେ
ଅତି ଗୁରୁତ୍ୱପୂର୍ଣ୍ଣ ।
ସୁସ୍ଥ ରହିବା ପାଇଁକି ନିତି
କରିବା ଚଲାବୁଲା
ଦେହ ଓ ମନ ଠିକ୍ ରଖିବା
ନକରି ଅବହେଳା ।
ଭଲ ପାଇବା ବାପାମାଆଙ୍କୁ
ଆମ ଚଳନ୍ତି ଦିଅଁ
ତାଙ୍କ ଆଶିଷେ ପଢ଼ଇ ସିନା
ଆମ ବିକାଶ ନିଅଁ ।
ମାଆଠୁ ଶିଖୁ କଥା କହିବା
କଥା ତୁଣ୍ଡରେ କହି
ହାତ ଧରିକି ବାପା ଚଲାନ୍ତି
କେବେ ଥାନ୍ତି କାନ୍ଧେଇ ।
ଭଲ ପାଇବା ଆମ ଭାଷାକୁ
ଆମ ଭାଷା ଓଡ଼ିଆ
କେତେ ସହଜ ସରଳ ଆମ
ଭାଷା ଆମ ବଢ଼ିଆ ।
ଯେତେ ଶିଖିଲେ ଯାହା ବି ଭାଷା
ଓଡ଼ିଆ ଭାଷା ଶ୍ରେଷ୍ଠ
କେବେ ବି ନୁହେଁ ଆମରି ଭାଷା
କାହାଠାରୁ ନିକୃଷ୍ଟ ।
ଯେତେ ବି ଭାଷା ଯାହା ବି ଶିଖ
ଓଡ଼ିଆ ଭୁଲିବାନି
ସବୁ ଭାଷାଠୁ ମଧୁର ଭାଷା
ଭାଷା ଆମ ଜନନୀ ।
ଭକତି ଭରେ ସେବିବା ତାଙ୍କୁ
ସଦା ଆଦର କରି
ଭାଷା ବି ଆମ ଜୀବନୀ ଶକ୍ତି
ଥିବା ଭାଷା ଆଦରି ।

**ବଉଦରାଜ, ବୌଦ୍ଧ**
**ମୋ–୯୪୩୭୪୭୮୪୬୬**

## କାକର

### ଜଗଦୀଶ ସାହୁ

କେଉଁ କାରିଗର ଘାସ ପତରରେ
ବିନ୍ଦୁ ବିନ୍ଦୁ କରି ଥୋଇଛି ପାଣି
ରବି କିରଣରେ ତା' ରୂପମାଧୁରୀ
ସବୁରି ଆଖିକୁ ନେଉଛି ଟାଣି !
ନିରେଖି ଦେଖିଲେ ମୁକୁତା ପରି ସେ
ଚିକିମିକ୍ କରି ମୋହୁଛି ମନ
ଛୁଇଁଦେଲେ ତାକୁ ଶୀତଳ ଲାଗୁଛି
ପ୍ରକୃତି ରାଣୀର ଅମୂଲ୍ୟ ଦାନ !
ବଡ଼ ସରାଗେ ସେ ଧୋଇଦିଏ ପାଦ
ତା' ଉପରେ ଯେବେ ଯାଏ ମୁଁ ଚାଲି
ହେମନ୍ତ ଓ ଶୀତ ଏ ଦୁଇ ଋତୁରେ
ସହଜେ ମନରୁ ହୁଏନା ଭୁଲି !
ଟପଟପ ହୋଇ ପଡୁଥିଲେ ଖସି
ଦେହ ଭିଜିଯାଏ ଛୁଆଁରେ ତାର
ବିଶ୍ୱ ନିୟନ୍ତାଙ୍କ ଅନୁପମ ସୃଷ୍ଟି
ନାଆଁଟି ତାହାର ଝରା କାକର !

**ସଂଜପଡା, ହିନ୍ଦୋଳ**
**ଢେଙ୍କାନାଳ,ମୋ–୯୦୭୮୧୮୫୬୧୬**

## ବସନ୍ତ ପରଶେ

### ରାମଚନ୍ଦ୍ର ବେହେରା

ଶୀତ ଲୁଚିଗଲା ଦିନ ବଡ ହେଲା
ଖରା ତାପ ହେଲା ଟାଣ
ନବ ପଲ୍ଲବରେ ଚାରୁ ତରୁଲତା
ହସିଲା ସବୁଜ ବନ
ଆମ୍ବ ବଉଳର ବାସ
ମୃଦୁ ମଳୟରେ ମନକୁ ମୋହିଲା
ଚହଟିଲା ଚଉପାଶ ।
ଆମ୍ର ବୃକ୍ଷ ଡାଳେ କୋଇଲି ଗାଇଲା
ସୁମଧୁର କୁହୁତାନ
ବାଡି ବଗିଚାରେ ହଳଦୀ ବସନ୍ତ
ଲୁଟିଲା ସଭିଙ୍କ ମନ
ଗୋଧୂଳି ସୁନ୍ଦର ଆଭା
ବନ ଉପବନେ ନାନା ଜାତି ପୁଷ୍ପେ
ହସିଲା ପ୍ରକୃତି ଶୋଭା ।
ଅଶୋକ ପଳାସ ଶିମୂଳି ଫୁଟିଲା
ମନଲୋଭା ପରିବେଶେ
ନାଲି କୃଷ୍ଣଚୂଡା ଅପୂର୍ବ ଲାଗିଲା
ଉଜ୍ଜ୍ୱଳ ଦୀପ୍ତି ପରଶେ
ଧୀର ମଳୟ ସମୀରେ
ବିଭୋର ହୋଇଲେ ଚକୋର ଚକୋରୀ
ମିଳନର ପ୍ରତୀକ୍ଷାରେ ।
ପ୍ରକୃତିର ରୂପ ସ୍ୱର୍ଗ ଅନୁରୂପ
ରୂପ ବର୍ଣ୍ଣ ସୌରଭରେ
ସ୍ୱଚ୍ଛ ସରସୀରେ ଉଜ୍ଜ୍ୱଳ ଚାନ୍ଦିନୀ
ଜ୍ୟୋତ୍ସ୍ନା ବିକିରଣ କରେ
ଜୀବ ହେଲା ଆତ୍ମହରା
ବସନ୍ତ ପରଶେ କାମନା ଜାଗିଲା
ବହିଲା ପ୍ରୀତିର ଧାରା ।

**ତେନ୍ତୁଲିପଦା,ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**

## ବୋଧହୁଏ ବସନ୍ତ ଆସୁଛି

### ନିରଞ୍ଜନ ସାହୁ

ଶୀତଋତୁ ଗଲା ବସନ୍ତ ଆସିଲା
ବସନ୍ତ ପଞ୍ଚମୀ କହିଲା
ନୂଆନୂଆ କରି ଦକ୍ଷିଣ ଦିଗରୁ
ମଳୟ ପବନ ବହିଲା ।
ହାଡଭଙ୍ଗା ଜାଡ ଦେଖାଉନି ତୋଡ
ଖରା ଦେଖାଉନି ଭାଉ
ବରଷା କୁଆଡେ ଯାଇଛି କେଜାଣି
ବରଷି ଯାଉନି ଆଉ
ପର୍ଣ୍ଣମୋଚୀ ବନ ହରିତ ଦିଶିଲା
ପ୍ରକୃତି ଦୁଃଖ ନ ରହିଲା ।
ଋତୁଙ୍କ ସମ୍ରାଟ ସଜାଉଛି ଥାଟ
କୁସୁମଙ୍କ ହାଟ ବସେ
ଆମ୍ରକୁଞ୍ଜେ ଏବେ କୋକିଳ ଆସିକି
ପଞ୍ଚମ ତାନରେ ରସେ
ହୋଲି ଆସିଯିବ ଅବିର ହସିବ
ରାଧିକା ପରାଣ ଦହିଲା ।
ଭଗବତ ଗୀତ ଦଶମ ଅଧ୍ୟାୟେ
ଶ୍ରୀକୃଷ୍ଣ ଅଛନ୍ତି କହି
ଋତୁଙ୍କ ମଧ୍ୟେ ସେ ବସନ୍ତ ଅଟନ୍ତି
ପ୍ରକୃତି ମଧ୍ୟରେ ରହି
ବସନ୍ତ କାଳକୁ ଛାଡିଦେଲେ ପୃଥ୍ୱୀ
ଖରା, ବର୍ଷା, ଶୀତ ସହିଲା ।

**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ,ମୋ– ୯୯୩୮୭୪୧୫୮୩**



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଭଣ୍ଡାରୀପୋଖରୀ ବିଧାୟକ, ତାଙ୍କ ପୁଅଙ୍କୁ ଇଡି ସମନ

ଭୁବନେଶ୍ୱର, (ସବ୍ୟୁ): ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାଶ କାନ୍ତି ସାମଲଙ୍କୁ ଇଡି ସମନ କରିଛି ହାଜର ହେବାପାଇଁ । ସମନରେ ତାରଖ ନିର୍ଦ୍ଧିଷ୍ଟ ନଥିବାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି । ଭଦ୍ରକ ଓ ଭୁବନେଶ୍ୱର ୧୦ଟି ସ୍ଥାନରେ ଇଡି ଚଢାଉ କରିବା ପରେ ବିଧାୟକ ଓ ତାଙ୍କ ପୁଅଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢୁଛି । ବରପଦା ଇଞ୍ଜିନିୟରିଂ କଲେଜ ଜମି ଦୁର୍ନୀତି ମାମଲାରେ ଚଢାଉ କରାଯିବା ସହ ସମନ ହୋଇଥିବା ଜଣାପଡିଛି ।

ଇଡିରେ ହାଜର ହେବାକୁ ପ୍ରଫୁଲ୍ଲଙ୍କୁ ସମନ ହୋଇଥିବା ବେଳେ ତାଙ୍କ ନୂଆବଜାର ବାସଭବନରେ ବିଜେଡି ନେତାମାନେ ପହଞ୍ଚିଛନ୍ତି । ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମା, ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରଫୁଲ୍ଲଙ୍କୁ ଭେଟି ଇଡି ଚଢାଉ ସମ୍ପର୍କରେ ଆଲୋଚନା କରିଛନ୍ତି । ଦୁଇଦିନ ତଳେ ପ୍ରଫୁଲ୍ଲଙ୍କ ନୂଆବଜାର ବାସଭବନରେ ୬ଜଣିଆ ଇଡି ଟିମ୍ ଚଢାଉ କରିଥିଲା । କେବଳ ତାଙ୍କ ଘର ନୁହେଁ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢାଉ ହୋଇଥିଲା । ଭଦ୍ରକ ସହରର ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଇଡି ଚଢାଉ କରିଥିଲା । ଭୁବନେଶ୍ୱର ପଳାପଲ୍ଲୀରେ ଥିବା ପ୍ରଫୁଲ୍ଲଙ୍କ ପୁଅ ପ୍ରୟାଶକାନ୍ତିଙ୍କ ଘରେ ଇଡି ଚଢାଉ କରିବା ବେଳେ ୧୦ଲକ୍ଷ ଟଙ୍କା ଓ ବିଳାସପୂର୍ଣ୍ଣ ଫର୍ଚୁନର କାର୍ ଜବତ କରିଛି । ସେହି କାର୍‌ଟି ପ୍ରୟାଶକାନ୍ତି ବ୍ୟବହାର କରୁଥିବା ବେଳେ ତ୍ରିଷ୍ଟା ସ୍କାଏସ୍କ୍ରାପ୍ର ଲିମିଟେଡ ବିଲ୍ଡର ସଂସ୍ଥା ନାଁରେ ଥିବା ଇଡି ସୂତ୍ରରୁ ଜଣାପଡିଛି ।

ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଏକ ସୋସାଇଟି ରହିଛି । ସେହି ସୋସାଇଟରେ ହୋଇଥିବା ଦୁର୍ନୀତିରେ ପ୍ରୟାଶକାନ୍ତି ସାମିଲ ଥିବା ଅଭିଯୋଗ ରହିଛି । କଲେଜ କର୍ମଚାରୀମାନେ ଦରମା ପାଉନଥିବା ବେଳେ ଦୁର୍ନୀତି ଟଙ୍କାରେ ପ୍ରୟାଶକାନ୍ତି ଦାମି ଗାଡି ଚଢୁଥିବା କର୍ମଚାରୀ ଅଭିଯୋଗ କରିଛନ୍ତି । ଇଡିରେ ଅଭିଯୋଗ ହେବାପରେ ଖୋଳତାଡ ଜାରି ରହିଛି । ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ତ୍ରୀଷ୍ଟା ସ୍କାଏ ସ୍କ୍ରାପର ନାଁ ଥିବାରୁ ଇଡିର ଏକ ଟିମ୍ ସେହି ସଂସ୍ଥାର ନିର୍ଦ୍ଦେଶକ ଦେବବ୍ରତ ଧୀରଙ୍କ ଘରେ ଚଢାଉ କରିଥିଲା । ତାଙ୍କ ଘରୁ ବହୁ ଜମି କିଣାବିକା କାଗଜପତ୍ର ଜବତ ହୋଇଛି ।ଜବତ ହୋଇଥିବା କାଗଜପତ୍ରରୁ ଜଣାପଡିଛି ଯେ ଭୁବନେଶ୍ୱର କଣ୍ଟାବାଡ ଅଞ୍ଚଳରେ କଲେଜ ନାଁର ୩୨ଏକର ଜାଗା କିଣାଯାଇଥିଲା । କିଛିଦିନ ପରେ ସେହି ଜମିକୁ ବିଲ୍ଡର ସଂସ୍ଥାକୁ ବିକ୍ରି ହୋଇଥିବା ଜଣାପଡିଛି । ଏହି ହସ୍ତାନ୍ତର ଆଇନଗତ ଭାବେ ହୋଇଛି ନା ନାହିଁ ତଦନ୍ତ ଆଗକୁ ବଢିଲେ ସ୍ପଷ୍ଟ ହେବ । ଇଡି ବିଧାୟକ ଓ ତାଙ୍କ ପୁଅଙ୍କୁ ଦେଇଥିବା ସମନରେ ତାରିଖ ସ୍ପଷ୍ଟ ହୋଇନଥିବାରୁ ସେ କେଉଁଦିନ ହାଜର ହେବେ ସେଥିନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ପ୍ରମୁଖ ଭୂମିକା ରହିଛି : ମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପ୍ରାଣୀପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରି ଏହାର ବ୍ୟବସାୟକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ଦ୍ୱାରା ମାଛ, ମାଂସ, ଦୁଗ୍ଧ ଉତ୍ପାଦନ ବହୁଗୁଣା ବୃଦ୍ଧି ପାଇବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଚାଷୀଙ୍କ ଆୟବୃଦ୍ଧି ହୋଇପାରୁଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି । ଜନତା ମଇଦାନରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ର 'ଦ୍ୱିତୀୟ ଦିବସର ପୂର୍ବାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ଗ୍ରାମ ପଞ୍ଚାୟତ ପୋଖରୀ ଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଛଚାଷ ଦ୍ୱାରା ମହିଳାମାନେ ଆର୍ଥିକ 'ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଲକ୍ଷ୍ୟକୁ ସାଧିତ କରିପାରିଛି । କୃତ୍ରିମ ପ୍ରଜନନ, ମୋବାଇଲ୍ ଭେଟେରିନାରୀ ୟୁନିଟ୍, ବାୟୋଫ୍ଲକ୍ ଓ କେଜ୍ କଲଚର ପଦ୍ଧତିରେ ମାଛଚାଷ ଯୋଗୁ ରାଜ୍ୟରେ ଦୁଗ୍ଧ, କୁକୁଡ଼ା, ଅଣ୍ଡା, ମାଂସ ଓ ମାଛ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଅଧିବେଶନରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ୍ କହିଲେ ଯେ ବିଗତ ୨୦ ବର୍ଷରେ ମାଛ ଉତ୍ପାଦନ ପ୍ରାୟ ୫ ଗୁଣ ବୃଦ୍ଧି ପାଇଥିବାବେଳେ ମାଛ ଜାଆଁଳ ଉତ୍ପାଦନ ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଛି ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓମ୍‌ଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନି କହିଲେ ଯେ ଅଧିକରୁ ଅଧିକ ଦୁଗ୍ଧଚାଷୀଙ୍କୁ ଓମ୍‌ଫେଡ୍‌ର ପରିସରଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥି ସହିତ ବିଭିନ୍ନ ସ୍ଥାନରେ ଅଧିକ ଦୁଗ୍ଧ ପ୍ରକ୍ରିୟାକରଣ ଓ ଗୋଖାଦ୍ୟ କାରଖାନା ପ୍ରତିଷ୍ଠା ନିମନ୍ତେ ଗୁରୁତ୍ୱାରୋପ କରାଯାଇଛି । ଅଧିବେଶନରେ ଫିସ୍‌ଫେଡ୍‌ର ସଭାପତି ସସ୍ମିତା ରାଉତ ରାଜ୍ୟର ସମସ୍ତ ଜିଲ୍ଲାରେ ଚିଲିକା ଫ୍ରେସ୍ ଆଉଟ୍‌ଲେଟ୍ ଖୋଲିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ କଟକ ଜିଲ୍ଲା ମହିଳା ଚାଷୀ ଶାନ୍ତିଲତା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ମହିଳା ଚାଷୀ ସୌଭାଗ୍ୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟର ଚମ୍ପିଅନ୍ ଘୋଷିତ ପାଣିପାଳକ ଓ ମାଛଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା ।

ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଓ ଅନୁକୂଳ କୃଷିନୀତି ଯୋଗୁ ଓଡ଼ିଶା ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହେବା ସହିତ ଭାରତବର୍ଷରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ମଡେଲ ରାଜ୍ୟର ମାନ୍ୟତା ହାସଲ କରିପାରିଛି । ପୌରୋହିତ୍ୟ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମତ୍ସ୍ୟ ଓ ପ୍ରାଣିପାଳନ ଗ୍ରାମାଞ୍ଚଳର ଲୋକମାନଙ୍କୁ ବର୍ଷସାରା ରୋଜଗାର ଦେବା ସହିତ ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରିଛି । ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ କମିଶନର ଅଧକ୍ଷ ଶ୍ରୀ ଅବନିକାନ୍ତ ସାହୁ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜ୍‌ରା, ଓପିଡିସିର ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର ଓ ଓପୋଲେଫେଡ୍‌ର ଅଧକ୍ଷ ଭୋଳେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଛଚାଷ ଓ ପ୍ରାଣିପାଳନ କ୍ଷେତ୍ରରେ ରାଜ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ ।

# ଭାରତର ପ୍ରଥମ ଡେଣ୍ଟାଲ ଇ-କମର୍ସ ପ୍ଲାଟଫର୍ମ ଲଞ୍ଚ



ଭୁବନେଶ୍ୱର (ସବ୍ୟୁ): ଲଞ୍ଚ ହୋଇଛି ଭାରତର ପ୍ରଥମ ଡେଣ୍ଟାଲ ଇ-କମର୍ସ ପ୍ଲାଟଫର୍ମ 32kart.com । ଏହି ଇ-କମର୍ସ ପୋର୍ଟାଲ ଦନ୍ତ ଚିକିତ୍ସକଙ୍କ ପାଇଁ ଉତ୍ସର୍ଗୀକୃତ । ଦନ୍ତ ଚିକିତ୍ସାଳୟରେ ଆବଶ୍ୟକ ହେଉଥିବା ସମସ୍ତ ଉତ୍ପାଦ ଦନ୍ତ ଚିକିତ୍ସକମାନଙ୍କୁ ଯୋଗାଇଦେବା ପାଇଁ ଭୁବନେଶ୍ୱରର ଦୁଇଜଣ ଡାକ୍ତର - ଏସ୍ ପାଣିଗ୍ରାହୀ ଓ ଡିପି ମଣ୍ଡଳ ଏହି ସାଇଟ ଲଞ୍ଚ କରିଛନ୍ତି । ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା କୋରିଓଗ୍ରାଫର ଶାଶ୍ୱତ ଯୋଶୀଙ୍କ ଉପସ୍ଥିତିରେ ଏହି ଇ-କମର୍ସ ସାଇଟ୍ ଉନ୍ମୋଚିତ ହୋଇଥିଲା । 32kart.com - ଭାରତର ପ୍ରଥମ ଡେଣ୍ଟାଲ ଇ-କମର୍ସ ପ୍ଲାଟଫର୍ମ, ଯାହା ଲକ୍ଷ ଲକ୍ଷ ଦନ୍ତ ଚିକିତ୍ସକ, କ୍ଲିନିକ୍, ମାନ୍ୟୁଫାକ୍ଚର୍ସ, ଡିଲର ଓ ସ୍ୱାସ୍ଥ୍ୟସେବା ସଂଗଠନକୁ ସଂଯୋଗ କରୁଛି ।

ଡ. ପାଣିଗ୍ରାହୀ କହିଛନ୍ତି ଯେ, ଏହି ଇ-କମର୍ସ ସାଇଟ୍ ଦନ୍ତ ଚିକିତ୍ସକଙ୍କୁ ଭାରତର କୋଣ ଅନୁକୋଣରେ ଥିବା ବିଭିନ୍ନ ଡିଲରଙ୍କଠାରୁ ଦନ୍ତ ଚିକିତ୍ସାଳୟ ପାଇଁ ଆବଶ୍ୟକୀୟ ଉପକରଣ, କଷ୍ଟମାଇଜ ପ୍ରେସକ୍ରିପସନ ଯୋଗାଇବା ଓ ଭିଜିଟିଂ କାର୍ଡର ସୁବିଧା ପ୍ରଦାନ କରୁଛି । ଏହି ସାଇଟ୍ ଲଞ୍ଚ ହେବା ପରଠୁ ଦନ୍ତ ଚିକିତ୍ସକଙ୍କ ନିକଟରେ ୧୨୦ରୁ ଅଧିକ ଉତ୍ପାଦ ସଫଳତାର ସହ ପହଞ୍ଚିପାରୁଛି । ସାରା ଭାରତରେ ସପିଙ୍ଗ ପାଇଁ ଦନ୍ତ ଚିକିତ୍ସକଙ୍କ ପ୍ରଥମ ପସନ୍ଦ ହୋଇପାରିଛି ୩୨କାର୍ଟ । ଦିନକୁ ଦିନ ଆମ ଉତ୍ପାଦ ସଂଖ୍ୟା ବଢ଼ିବା ସହ ନୂଆ ବିକ୍ରେତା ଓ ବ୍ରାଣ୍ଡ ପଞ୍ଜିକରଣ କରାଯାଉଛି ।

# ବ୍ଲେଣ୍ଡର୍ସ ପ୍ରାଇଡ ଗ୍ଲାସ୍‌ୱେୟାର ଫ୍ୟାଶନ ଏନ୍‌ଏକ୍ସଟି ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ବ୍ଲେଣ୍ଡର୍ସ ପ୍ରାଇସ୍ ଗ୍ଲାସ୍‌ୱେୟାର ପକ୍ଷରୁ ଏକ ଆଭାଂଟ୍-ଗ୍ରେଡ୍ ଫ୍ୟାଶନ ପ୍ଲାଟ୍‌ଫର୍ମ ଫ୍ୟାଶନ ଏନ୍‌ଏକ୍ସଟିର ଉନ୍ମୋଚନ କରାଯାଇଛି ଯାହା ରନ୍‌ୱେ ବାହାରେ ଫ୍ୟାଶନ ଅନୁଭୂତିଗୁଡିକୁ ପୁନଃବ୍ୟାଖ୍ୟା କରିବ। ଗୁରୁଗ୍ରାମ ଓ ହାଇଦ୍ରାବାଦରେ ଏବଂ ଭୁବନେଶ୍ୱର ଓ ପୁନେ ଭଳି ନୂଆ ଟାଉନ୍‌ରେ ଶୁଭାରମ୍ଭ ହେବା ପାଇଁ ପ୍ରସ୍ତୁତ ଫ୍ୟାଶନ ଏନ୍‌ଏକ୍ସଟି ଫ୍ୟାଶନ ଓ ଷ୍ଟାଇଲର ଏକ ନୂଆ ଚେହେରା ଉନ୍ମୋଚନ କରିବା ପାଇଁ ପ୍ରତିଶ୍ରୁତି ଦେଉଛି। ୧୬ ବର୍ଷ ପାଇଁ ବ୍ଲେଣ୍ଡର୍ସ ପ୍ରାଇଡ୍ ଗ୍ଲାସ୍‌ୱେୟାର, ଆଇକୋନିକ୍ ବ୍ଲେଣ୍ଡର୍ସ ପ୍ରାଇସ୍ ଗ୍ଲାସ୍‌ୱେୟାର ଫ୍ୟାଶନ ଟୁର୍ ସହିତ ଭାରତରେ ଷ୍ଟାଇଲର ଅଗ୍ରଦୂତ ରହିଆସିଛି। ଏହା ଉଲ୍ଲେଖନୀୟ ଡିଜାଇନର ଓ ସବୁଠାରୁ ଗ୍ଲାମରସ୍ ସେଲିବ୍ରିଟିମାନଙ୍କୁ ଏହାର ର୍ୟାମ୍ପରେ ଏକତ୍ରିତ କରି ଫ୍ୟାଶନର ମହତ୍ତ୍ୱକୁ କ୍ୟାପ୍ଚର କରିଛି। କ୍ୟୁରେଟର-ଇନ୍-ଚିଫ୍ ଭାବେ ପ୍ରଖ୍ୟାତ ଡିଜାଇନର ଆଶିଷ ସୋନି ଏବଂ ଫ୍ୟାଶନ ଡିଜାଇନ କାଉନ୍ସିଲ ଅଫ୍ ଇଣ୍ଡିଆ (ଏଫ୍‌ଡିସିଆଇ) ସହ ନିଜର ନିର'ର ସହଭାଗିତା ସହିତ ଏହି ବ୍ରାଣ୍ଡ ଏବେ ବ୍ଲେଣ୍ଡର୍ସ ପ୍ରାଇଡ୍ ଗ୍ଲାସ୍‌ୱେୟାର ଫ୍ୟାଶନ ଏନ୍‌ଏକ୍ସଟି ସହିତ ଫ୍ୟାଶନ, ଷ୍ଟାଇଲ ଓ ଗ୍ଲାମରକୁ ପୁନଃପରିକଳ୍ପନା କରୁଛି।

## ମାଟ୍ରିକ ପରୀକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା ଚୂଡାନ୍ତ

# କପି ଓ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବୋର୍ଡର ପଦକ୍ଷେପ

କଟକ (ସବ୍ୟୁ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କପି ଓ ପ୍ରଶ୍ନପତ୍ର ଭାଇରାଲ ଭଳି ଘଟଣା ରୋକିବା ଉଦ୍ଦେଶ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସିସିଟିଭି ବ୍ୟବସ୍ଥା ଚୂଡାନ୍ତ ହୋଇଛି । କଟକ ବୋର୍ଡ ଅଫିସରେ ସିସିଟିଭିର ଅସ୍ଥାୟୀ କମାଣ୍ଡ ସେର ହୋଇଛି । ଆଜି ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ୱେବ୍‌କାଷ୍ଟିଂ ପରୀକ୍ଷଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଆସନ୍ତା ୨୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ପ୍ରଥମ ଦିନ ମାତୃଭାଷା, ୨୩ରେ ଦ୍ୱିତୀୟ ଭାଷା ଇଂରାଜୀ, ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ବିଜ୍ଞାନ ଓ ମାର୍ଚ୍ଚ ୪ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସବୁଦିନ ସକାଳ ୯ଟାରେ ଆରମ୍ଭ ହେବ । ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ । ଗଣିତ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ଅଧିକ ୧୫ ମିନିଟ ସମୟ ପାଇବେ । ଏଥର ରେଗୁଲାର ପରୀକ୍ଷାର୍ଥୀ ଭାବେ ୫ ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ଏଥିପାଇଁ ମୋଟ୍ ୨୯୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ପ୍ରତି ସମ୍ବେଦନଶୀଳ କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ । ଚଳିତ ଥର କପି ରୋକିବା ଲାଗି ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି । ଏଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଆନ୍ତର୍ଜାତିକ ଶିଶୁ କର୍କଟ ଦିବସରେ ବିସିଟି ପକ୍ଷରୁ ସଚେତନତା

କଟକ, (ସବ୍ୟୁ) : ଆନ୍ତର୍ଜାତିକ ଶିଶୁ କର୍କଟ ଦିବସ - ୨୦୨୪ ପାଳନ ଅବସରରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ କଟକ ପ୍ରାଙ୍ଗଣରେ ଶିଶୁ କର୍କଟ ବିଜୟୀ ଶିଶୁଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରୁ ବାହାରି ମଙ୍ଗଳାବାଗ ଦେଇ ପୁଣି କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଥିଲା । କେନ୍ଦ୍ରର ଅଧକ୍ଷ ଡ଼ା.ଦୀପକ ରାଉତରାୟ,ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି,ପ୍ରଫେସର ପରେଶ ଚନ୍ଦ୍ର ପାଠି,ପ୍ରଫେସର ସୁମିତା ମହାନ୍ତି ପ୍ରମୁଖ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପ୍ରଫେସର ଦିପ୍ତିରାଣୀ ସାମନ୍ତ,ରୋଗୀ ପରାମର୍ଶଦାତା ସପନ କୁମାର ଜେନା, ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା(ବିସିଟି) ପ୍ରତିଷ୍ଠାତା ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ ଯୋଗଦେଇ କର୍କଟ ପୀଡିତ ରୋଗୀ କିଭଳି ମାନସିକ ସ୍ତରରେ ଦୃଢ଼ ରହିବେ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଏହି ଅବସରରେ କର୍କଟ ବିଜୟୀ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ସହ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିସିଟି, ଅୱାକେନ ଟ୍ରଷ୍ଟ ଏବଂ ଅନୁଷ୍ଠାନର ଡିଏମଏଲଟି,ଡିଏମଆରଟି ସ୍ୱେଚ୍ଛାସେବୀ ବର୍ଗ ପରିଚାଳନା କରିଥିଲ । ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା(ବିସିଟି) ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ଦୁଇ ଜଣ ଶିଶୁଙ୍କୁ ଶିକ୍ଷାଦାନ ବ୍ୟବସ୍ଥା ଓ ରକ୍ତ କର୍କଟ ରୋଗୀଙ୍କ ପାଇଁ ଏକ ବର୍ଷର ରକ୍ତ କୁପନ୍ ବ୍ୟବସ୍ଥା କରାଯାଇଛି ଏହି ମାନନୀୟ କାର୍ଯ୍ୟ ନେଇ ସାଧାରଣରେ ଟ୍ରଷ୍ଟ ପରିବାରକୁ ଉଚ୍ଚ ପ୍ରଶଂସା କରାଯାଇଛି ।

## ଏମଇଏଆଇ ଓ ଏନଏମଡିସି ଜାତୀୟ ସେମିନାର

# ନବସୃଜନ ଓ ସ୍ଥିରତାକୁ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ଶିଳ୍ପର ସ୍ଥାୟୀ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ଅଗ୍ରଗତି କରି ଉନ୍ନତ ଲୁହାପଥର ଲାଭ ଏବଂ ସ୍ଥାୟୀ ନିମ୍ନ ଗ୍ରେଡ୍ ଆଇରନ୍ ଖଣି ବ୍ୟବହାର ଉପରେ ଜାତୀୟ ସେମିନାର ଆୟୋଜନ କରାଯାଇଥିଲା । ଏହି ସମାରୋହର ମୁଖ୍ୟ ଅତିଥି ଏନଏମଡିସି ସିଏମଡି ଅମିତାଭ ମୁଖାର୍ଜୀ କହିଛନ୍ତି, ଉନ୍ନତ ଲୁହାପଥର ଲାଭ ଏବଂ ସ୍ଥାୟୀ ନିମ୍ନ ଗ୍ରେଡ୍ ଲୁହାପଥର ବ୍ୟବହାର ଆମ



ଶେଷ ହୋଇଛି । ଲୁହାପଥର ପ୍ରକ୍ରିୟାକରଣର ଭବିଷ୍ୟତକୁ ଦୃଷ୍ଟିରେ ରଖି ମାଇନିଂ ଇଞ୍ଜିନିୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ, ହାଇଦ୍ରାବାଦ ଅଧ୍ୟାୟ ତଥା ଦେଶର ବୃହତ୍ତମ ଲୁହାପଥର ଉତ୍ପାଦନକାରୀ ଏନଏମଡିସ ଦ୍ୱାରା ସେମିନାର ଶିଳ୍ପ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଆହ୍ୱାନ ଏବଂ ସୁଯୋଗକୁ ଦର୍ଶାଉଛି ।ଏନଏମଡିସିରେ ଆମର ବିଶେଷ ଧ୍ୟାନ ସର୍ବାଧିକ ଉତ୍ସ ବ୍ୟବହାର ଏବଂ ପୁନବ୍ୟବହାର ଉପରେ ଇଏସଜି ପ୍ରତିବଦ୍ଧ ଥିବାବେଳେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ମାଧ୍ୟମରେ ସୀମାକୁ ଠେଲି, ଆମେ କେବଳ ବର୍ତ୍ତମାନର ଚାହିଦା ପୂରଣ କରିପାରିବୁ ନାହିଁ, ବରଂ ଲୁହାପଥର ଶିଳ୍ପ ପାଇଁ ଏକ ଦୃଢଏବଂ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ମଧ୍ୟ ସୁରକ୍ଷିତ କରିପାରିବୁ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏ ମଇଏଆଇ ସଭାପତି ଏସ୍ ଏନ ମାଥୁର ,ଏନଏମଡିସି ପୂର୍ବତନ ସିଏମଡି ପି ଆର ତ୍ରିପାଠୀ ଏବଂ ଏମ ନରସାୟା, ସେକ୍ରେଟେରୀ ଜେନେରାଲ୍,ଏମଇଏଆଇ ସହିତ ପ୍ରିଜାଇଡିଂ ଅଫିସର ବିନୟ କୁମାର, ନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ । ଦୁଇ ଦିନ ଧରି ଅନୁଷ୍ଠିତ ତିନିଟି ବୈଷୟିକ ଅଧିବେଶନକୁ ନେଇ ଏହି ସମ୍ମିଳନୀରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ଆଇଆଇଟି ଖରାଗପୁର, ଆଇଆଇଟି ମାଡ୍ରାସ, ଏନଏମଡିସି,ଏଏମ/ଏନଏସ, ଟାଟା ଷ୍ଟିଲ, ଏନଏମଡିସିର ୧୪ ଟି କାଗଜପତ୍ର ଉପସ୍ଥାପିତ ହୋଇଥିଲା । ଏହି ଅବସରରେ ଭାରତୀୟ ଖଣି ଶିଳ୍ପର ଭେଟେରାନମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ସାଲାସର ଟେକ୍ନୋ ଇଂଜିନିୟରିଂ ଲିଃର ତ୍ରୈମାସିକ ଫଳାଫଳ ଘୋଷିତ

ଭୁବନେଶ୍ୱର (ସବ୍ୟୁ) : ଇଂଜିନିୟରିଂ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ସଲ୍ୟୁଶନ୍ସ କ୍ଷେତ୍ରରେ ଏକ ଲିଡର ସାଲାସର ଟେକ୍ନୋ ଇଂଜିନିୟରିଂ ଲିଃ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଓ ୯ ମାସର ଆର୍ଥିକ ଫଳାଫଳ ଘୋଷଣା କରିଛି। ଏହି ୩ୟ ତ୍ରୈମାସରେ କମ୍ପାନୀର ପରିଚାଳନାରୁ ମିଳିଥିବା ରାଜସ୍ୱ ୨୬.୨% ବୃଦ୍ଧି ହୋଇ ୩୦୩୮.୮ ମିଲିୟନ ଟଙ୍କା ରହିଛି ଯାହା ଗତବର୍ଷ ଏହି ଅବଧିରେ ୨୪୦୮.୦ ମିଲିୟନ ଟଙ୍କା ରହିଥିଲା। ସେହପରି ୨୦୨୩-୨୪ର ପ୍ରଥମ ୯ ମାସରେ କମ୍ପାନୀର ରାଜସ୍ୱ ୮୪୧୧.୦ ମିଲିୟନ ଟଙ୍କା ରହିଛି ଯାହା ଗତବର୍ଷ ସମାନ ଅବଧିରେ ୭୧୦୨.୦ ମିଲିୟନ ଟଙ୍କା ଥିଲା। ଆଲୋଚ୍ୟ ୩ୟ ତ୍ରୈମାସରେ କମ୍ପାନୀର ଏବିଟଡା ୫୫.୭% ବୃଦ୍ଧି ହୋଇ ୩୭୪.୬ ମିଲିୟନ ଟଙ୍କା ରହିଥିବା ବେଳେ ୯ ମାସରେ ୩୮.୭% ବୃଦ୍ଧି ହୋଇ ୮୫୯.୬ ମିଲିୟନ ଟଙ୍କା ରହିଛି।

## ସିଏମ୍‌ସି ପକ୍ଷରୁ ମିଳିତ ଚଢାଉ

# ଫୁଡ୍, ଟ୍ରେଡ୍ ଲାଇସେନ୍ସ ନଥିବାରୁ ଏମବିଏ ଚା ବାଲା ଦୋକାନ ସିଲ୍

କଟକ (ସବ୍ୟୁ): କଟକ ମହାନଗର ନିଗମ(ସିଏମସି) ଖାଦ୍ୟ ସୁରକ୍ଷା, ରାଜସ୍ୱ ଓ ଏନଫୋର୍ସମେ ବିଭାଗ ପକ୍ଷରୁ ଶନିବାର କଲେଜଛକସ୍ଥିତ ଏକାଧିକ ଦୋକାନ ଉପରେ ଅଚାନକ ଚଢାଉ କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ କଲେଜଛକ ଦୁର୍ଗା ମନ୍ଦିରଠାରୁ ବନ୍ଦେ ହୋଟେଲ ପର୍ଯ୍ୟନ୍ତ ଏକାଧିକ ଦୋକାନ ଉପରେ ଚଢାଉ କରି ସେମାନଙ୍କ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦେୟ ରସିଦ ଯା କରିଥିଲେ । ତେବେ ବହୁ ଚର୍ଚ୍ଚିତ ଏମବିଏ ଚାବାଲା ଦୋକାନର କୌଣସି ନଥିପତ୍ର ନଥିବାରୁ ସିଏମସି ଅଧିକାରୀମାନେ ଏହି ଦୋକାନକୁ ସିଲ୍ କରିବାକୁ ବାଧ ହୋଇଥିଲେ ବୋଲି ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରକାଶ କରିଛନ୍ତି । ଜୋରିମାନା ସ୍ୱରୂପ ଉକ୍ତ ଦୋକାନ ମାଲିକଙ୍କଠାରୁ ୫ ହଜାର ଟଙ୍କା ଆଦାୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଏକାଧିକ ହାର୍ଡ୍‌ୱାର୍ ଷ୍ଟୋର୍ ତନଖି କରାଯାଇଥିଲା ବେଳେ ନଥିପତ୍ର ନଥିବାରୁ ଦୁଇଟି ଦୋକାନରୁ ୨ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଯାଇଥିଲା । ସେହିପରି ଆଇନ ଉଲ୍ଲଙ୍ଘନ ନ କରିବାକୁ ଏକାଧିକ ଦୋକାନୀଙ୍କୁ ତାଗିଦ୍ ଓ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦାଖଲ କରିବା ପାଇଁ ଚେତାଇ ଦିଆଯାଇଥିଲା । ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହାପାତ୍ରଙ୍କ ସହ ଡେପୁଟି କମିଶନର (ରାଜସ୍ୱ) ସୁମନ୍ତ କର, ଡେପୁଟି କମିଶନର (ଏନଫୋର୍ସମେ) ଅଜୟ କୁମାର ମହାନ୍ତି, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଓ ମିଥୁନ ସାହା ପ୍ରମୁଖ ଏହି ଚଢାଉରେ ଭାଗ ନେଇଥିଲା ବେଳେ ସିଡିଇଏଫର ଗୋଟିଏ ଟିମ୍ ସାମିଲ ଥିଲେ ।

# ଜଗନ୍ନାଥ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ସବ୍ୟୁ): ଗତ ୬ତାରିଖଠାରୁ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଆମିଟୀ ପକ୍ଷରୁ ଏକ ରୋଟାରୀ ସଦଭାବନା ତଥା




ଭାଇଚାରା ଯାତ୍ରା ଆରମ୍ଭ କରାଯାଇଅଛି। ଏହି ଯାତ୍ରା ରୋଟାରୀ ଡିସଟ୍ରିକ୍ଟ ୩୨୬୨ ଅନ୍ତର୍ଗତ ସମସ୍ତ ୧୧୫ଟି ରୋଟାରୀ କ୍ଲବ ମାନଙ୍କୁ ପରିଭ୍ରମଣ କରି ସଦିଚ୍ଛା, ଭାଇଚାରା ମାଧ୍ୟମରେ ଓଡିଶାର ମହାପ୍ରଭୁ ଜଗନ୍ନାଥଙ୍କ ମହିମା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ବିଶ୍ୱଭାତୃତ୍ୱକୁ ପ୍ରାଧାନ୍ୟ ଦେବ । ଏହି ଯାତ୍ରା ପୁରୀ ଶ୍ରୀକ୍ଷେତ୍ରରୁ ବର୍ତ୍ତମାନର ଡ଼ିଜି ରୋଟାରିଆନ ଜୟଶ୍ରୀ ମହାନ୍ତି, ଡ଼ିଜି ରୋଟାରିଆନ ଯଜ୍ଞାଶୀଷ ମହାପାତ୍ର ଓ ଡ଼ିଜିଏନଡି ରୋଟାରିଆନ ଅନିଲ କୁମାର ସାମଲଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଶ୍ରୀକ୍ଷେତ୍ରରୁ ଚତୁର୍ଦ୍ଧାମୂର୍ତୀଙ୍କୁ ନେଇ ଏକ ବିଶେଷ ଶୋଭାଯାତ୍ରାରେ ଯାତ୍ରାରମ୍ଭ କରିଥିଲା।

ଜଗନ୍ନାଥ ସଂସ୍କୃତିର ଅମୃତ ବାର୍ତ୍ତା, ଆଧ୍ୟାତ୍ମିକ ଚେତନା ଦ୍ୱାରା ନିଶା ନିବାରଣ, ପ୍ରକୃତି ଓ ପରିବେଶ ସଂରକ୍ଷଣ, ସାକ୍ଷରତା, ରକ୍ତଦାନ ତଥା ଅଙ୍ଗଦାନ ଇତ୍ୟାଦି ଲକ୍ଷ୍ୟ ନେଇ ଏହି ଯାତ୍ରା ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଆମିଟୀ ପକ୍ଷରୁ ରୋଟାରିଆନ ବିଘ୍ନେଶ୍ୱର ବେହେରା ଓ ରୋଟାରିଆନ ମନମୋହନ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳନା କରାଯାଉଅଛି । ଭୁବନେଶ୍ୱରରୁ ବାହାରିଥିବା ଏହି ରଥ ସାରା ଭାରତବର୍ଷ ବୁଲି ଶେଷରେ ଅଯୋଧ୍ୟାରେ ପହଁଚିବ । ତେବେ ଆଜି ଏହି ରଥ ଖୋର୍ଦ୍ଧା ରୋଟାରୀ କ୍ଲବରେ ପହଁଚିବା ପରେ ସେଠାରେ ରଥରେ ଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ।

# ଖଣ୍ଡଗିରିରେ ସ୍ଥାପନ ହେଲା ବିଶାଳ ଟ୍ରାନ୍ସଫର୍ମର୍

ଭୁବନେଶ୍ୱର: ଟିପିସିଓଡିଏଲ୍ ଆଗାମୀ ଦିନରେ ଖଣ୍ଡଗିରି ଅଂଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରି ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ କରିବାଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛି।ସହରାଚଂଳରେ ବର୍ଷକୁ ବର୍ଷ ଲୋଡ୍‌ରେ ହେଉଥିବା ବୃଦ୍ଧି ଚାହିଦା ପୂରଣ କରିବା ପାଇଁ ପୂର୍ବରୁ ଥିବା ପିଏସ୍‌ଏସ୍‌ରେ ବିଦ୍ୟୁତଟ୍ରାନ୍ସଫରମର ସହିତ ସ୍ୱିଚ୍‌ଗିୟରର ଦକ୍ଷତା ବୃଦ୍ଧି କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରାଯାଇଛି। ଆସନ୍ତା ୧୦ ବର୍ଷରେଲୋଡ୍‌ରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଦକ୍ଷତାରେ ଏହି ଉନ୍ନତି ଅଣାଯାଇଛି।ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଟିପିସିଓଡିଏଲ୍ ଖଣ୍ଡଗିରିରେ ଥିବା ଏକ ପୁରୁଣା ୮ଏମ୍‌ଭିଏ ଟ୍ରାନ୍ସଫରମର୍‌କୁ ଏକ ଅତ୍ୟାଧୁନିକ ୨୫ ଏମ୍‌ଭିଏ ଟ୍ରାନ୍ସଫରମର ଜରିଆରେ ସୁଦୃଢ଼ କରାଯାଇଛି। ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ପ୍ରଥମ, ଏହି ରୂପାନ୍ତରୀତ ବିଦ୍ୟୁତ ସବ୍‌ଷ୍ଟେସନ (ପିଏସ୍‌ଏସ୍) ଏକ ବଡ଼ ସଫଳତା ଭାବେ ଉଭା ହୋଇଛି ଯାହା ଭୋଲ୍‌ଟେଜ୍ ନିୟନ୍ତ୍ରଣଓ ସୁରକ୍ଷା ପଦକ୍ଷେପରେ ଉନ୍ନତ ପ୍ରଯୁକ୍ତିର ସମନ୍ୱୟକୁ ଦର୍ଶାଉଛି।ଟିପିସିଓଡିଏଲ୍‌ର ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ବିଦ୍ୟୁତ ଭିତିଭୂମି ଓ ଦକ୍ଷତାକୁ ବଦଳାଇଥିବା ବେଳେ ଏହି ଅଭିଯାନ ଜରିଆରେ ଏକନୂତନ ମାନଦଣ୍ଡ ନିର୍ଦ୍ଧାରଣ ହୋଇଛି ଯାହା ଜାଗମରା, କୋଳଥିଆ, ଧର୍ମ ବିହାର, ଗଣ୍ଡମୁଣ୍ଡା, ଆଇଗିଣିଆ, ଜଗମୋହନ ନଗର, ମଲ୍ଲିକକମ୍ପ୍ଲେକ୍ସ ଓ ସତ୍ୟସାଇ ଏନ୍‌କ୍ଲେଭ୍‌ରେ ବିଦ୍ୟୁତ ଯୋଗାଣରେ ଉନ୍ନତି ଆଣିବ। ଏହି ଅଭିଯାନ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରବିନ୍ଦ ସିଂହ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ କାର୍ଯ୍ୟକାରୀକରିଥିବାରୁ ଆମେ ଗର୍ବିତ। ଏହା ଖଣ୍ଡଗିରି ଅଂଚଳରେ ବିଦ୍ୟୁତ ସେବାରେ ଉନ୍ନତି ଆଣିବା ପାଇଁ ଥିବା ଆମର ସମର୍ପଣ ଭାବକୁଦର୍ଶାଉଛି। ଏହି ଉନ୍ନତି ସହିତ ଆମେ ବର୍ତ୍ତମାନର ଚାହିଦାକୁ ପୂରଣ କରୁଥିବା ବେଳେ ଭବିଷ୍ୟତରେ ଏହି ଅଂଚଳର ଅଭିବୃଦ୍ଧି ଓ ବିକାଶ ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛୁ।

# ଆମ ଅଧିକାର ଆମକୁ ମିଳୁ: ଯାଦବ ମହାସଂଘ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ଅର୍ଥାତ ପ୍ରାୟ ୯୦ ଲକ୍ଷ ମତଦାତା ଥିବା ଯାଦବମାନଙ୍କୁ ଅନ୍ୟାନ୍ୟ ଜାତିମାନଙ୍କ ଭଳି ସେମାନଙ୍କର ଅଧିକାର ଦିଆଯାଉ । ରାଜ୍ୟରେ ପଛୁଆ ବର୍ଗର ବିଭିନ୍ନ ଜାତି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଯେପରି ସହାୟତା ଯୋଗାଇ ହେଉଛନ୍ତି ସେହିପରି ସହାୟତା ରାଜ୍ୟର ଯାଦବମାନଙ୍କୁ ଯୋଗାଇ ଦେବା ପାଇଁ ଯାଦବ ମହାସଂଘ, ଓଡ଼ିଶା ପକ୍ଷରୁ ଦାବି କରାଯାଇଛି । ଯାଦବ ମହାସଂଘର ରାଜ୍ୟ ସମ୍ମିଳନୀରେ ପାରିତ ପ୍ରସ୍ତାବ ଅନୁସାରେ ଲୋକକଳାର ମାନ୍ୟତା ପାଇଥିବା ଲଉଡ଼ି ଖେଳର ବିକାଶ ତଥା ଏହା ଉପରେ ଗବେଷଣା ପାଇଁ ସରକାର ଭୁବନେଶ୍ୱରରେ ଏକ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ଦାବି କରାଯାଇଛି । ଅନ୍ୟ ଜାତିମାନଙ୍କୁ ସରକାର ଯେପରି ପୁରୀଠାରେ ଭବନ ନିର୍ମାଣ ଉଦ୍ଦେଶ୍ୟରେ ମାଗଣା ଜମି ଓ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ସେହିଭଳି ଯାଦବମାନଙ୍କର ଏକ ଭବନ ନିର୍ମାଣ କ୍ଷେତ୍ରରେ ପଦକ୍ଷେପ ନେବାକୁ ସଂଘର ସାଧାରଣ ସମ୍ପାଦକ ଆଲେକଗାଣ୍ଡାର ଦାସ ଦାବି କରିଛନ୍ତି ।

ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯିବା ସହିତ ଓବିସିମାନଙ୍କ ମଣ୍ଡଳ କମିଶନଙ୍କ ସୁପାରିଶ ଅନୁସାରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ପାରିତ ହୋଇଛି । ରାଜ୍ୟରେ ଦୁଗ୍ଧଚାଷୀମାନେ ଉଚିତ ମୂଲ୍ୟ ପାଉନଥିବାରୁ ବହୁକ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ପାଇଁ ପ୍ରତିବର୍ଷ ଦୁଗ୍ଧର ସହାୟକ ମୂଲ୍ୟ ବୃଦ୍ଧି କରାଯାଉ । ଯାଦବ ମହିଳାମାନଙ୍କ ନେଇ ସ୍ୱତନ୍ତ୍ର ଏସଏଚଜି ଗଠନ କରାଯାଇ ଡାଏରୀ ଫାର୍ମ ଓ ଅନ୍ୟାନ୍ୟ ଆର୍ଥିକ ସ୍ୱାବଲମ୍ବନ ପନ୍ଥା ଯୋଗାଇ ଦେବାକୁ ରାଜ୍ୟ ସଭାପତି ଦଶରଥ ପରୁଆ ଦାବି କରିଛନ୍ତି । ରାଜ୍ୟର ସମସ୍ତ ରାଜନୈତିକଦଳମାନେ ଯାଦବ ଜନସଂଖ୍ୟା ଯେଉଁ ନର୍ବାଚନମଣ୍ଡଳୀରେ ଅଧିକ ଅଛନ୍ତି ସେ ସବୁ ଅଞ୍ଚଳରେ ଯାଦବ ପ୍ରାର୍ଥୀ ରାଜ୍ୟ ଶାସନରେ ଅଂଶୀଦାର କରିବାକୁ ସମ୍ମିଳନୀରେ




ଦାବି କରାଯାଇଛଛ ଏହି ସମ୍ମିଳନୀରେ ସାମ୍ବାଦିକ ରବି ଦାସ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିବାବେଳେ, ମହାସଂଘର କାର୍ଯ୍ୟକାରୀ ସଭାପତି ଶିଶିରକାନ୍ତ ବେହେରା, ସଂଗଠନ ସମ୍ପାଦକ ରାମଚନ୍ଦ୍ର ବେହେରା, ଦିଲ୍ଲିପ ବେହେରା, ନିଶିଥ ବାରିକ, ରାଜେଶ ମହାଖୁଡ଼ ପ୍ରମୁଖ ଯୋଗ ଦେଇଥିଲେ ।

## ଇନ୍‌ସାଟ୍-୩ଡିଏସ୍ ଉତ୍‌କ୍ଷେପଣ ସଫଳ



**ଶ୍ରୀହରିକୋଟା:** ସଫଳତାର ସହ ଉପଗ୍ରହ ଇନସାଟ୍-୩ଡିଏସ୍‌ର ଉତ୍‌କ୍ଷେପଣ କରାଯାଇଛି । ପାଣିପାଗ ବିଷୟରେ ସଠିକ ତଥ୍ୟ ପାଇଁ ଏହି ଇନ୍‌ସାଟ୍- ୩ଡିଏସ୍ କାର୍ଯ୍ୟ କରିବ । ଏହାକୁ ଆଜି ସଫଳତାର ସହ କକ୍ଷରେ ଅବସ୍ଥାପିତ କରାଯାଇଛି । ଏହାର ଓଜନ ୨୨୭୪ କେଜି ଥିଲାବେଳେ ଏହାକୁ ଜିଓ ସାଇନୋକ୍ରୋସ ଉପଗ୍ରହ ମାଧମରେ ଜିଏଲ୍‌ସିଭି ରକେଟରେ ଉତ୍‌କ୍ଷେପଣ କରାଯାଇଛି । ଏହି ଉପଗ୍ରହଟି ହେଉଛି ତୃତୀୟ ପିଢ଼ିର ପାଣିପାଗ ଉପଗ୍ରହ । କେନ୍ଦ୍ର ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଅର୍ଥ ଖର୍ଚ୍ଚ କରାଯାଇଛି ।

ଏହି ଉପଗ୍ରହକୁ ଏଭଳି ପ୍ରସ୍ତୁତ କରାଯାଇଛି ଯେ ପାଣିପାଗ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ଜମି ଓ ସମୁଦ୍ର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ । ପାଣିପାଗର ସମ୍ପୂର୍ଣ୍ଣ ଆଗୁଆ ସୂଚନା ଦେବାସହ ବିପର୍ଯ୍ୟୟ ନେଇ ସତର୍କତା ଜାରି କରିବ । ଏହି ଉପଗ୍ରହର ଆୟୁ ୧୦ ବର୍ଷ ରହିଛି । ଇନ୍‌ସାଟ୍-୩ଡିଏସ୍ ପାଣିପାଗ ସେବା ସମ୍ପର୍କରେ ଅବଗତ କରାଇବ । ପୂର୍ବରୁ ଯାଇଥିବା ଇନ୍‌ସାଟ୍-୩ଡିଆର କକ୍ଷରେ କାର୍ଯ୍ୟ କରୁଛନ୍ତି । ଅପରାହ୍ଣ ୫ଟା ୩୫ମିନିଟରେ ୩ ଥାକରେ ଜିଏସ୍‌ଏଲ୍‌ଭି ରକେଟ ଯାହାର ଉଚ୍ଚତା ୫୧.୭ ମିଟର ଏବଂ ଓଜନ ୪୨୦ ଟନ, ତାହାଦ୍ୱାରା ଏହାକୁ ଉତ୍‌କ୍ଷେପଣ କରାଯାଇଛି । ରକେଟ୍‌ଟି ଉପରକୁ ଯିବା ସହ ଉଜ୍ଜ୍ୱଳ କମଳା ରଙ୍ଗର ଅଗ୍ନି ସଂଯୋଗ ଏହାର ଟେଲ୍‌ରେ କରାଯାଇଥିଲା । ଜିସିଏଲ୍‌ଭି ରକେଟ ଆକାଶ ମାର୍ଗକୁ ଉତକ୍ଷେପଣ ହୋଇଥିଲା । ଇସ୍ରୋର ରକେଟ ମିଶନ ନିୟନ୍ତ୍ରଣ କକ୍ଷରେ କମ୍ପ୍ୟୁଟର ସ୍କ୍ରିନରେ ଏହାର ଅଗ୍ରଗତିକୁ ସମୀକ୍ଷା କରାଯାଇଥିଲା । ଉତ୍‌କ୍ଷେପଣର ୧୯ ମିନିଟ ପରେ ଏହା କକ୍ଷରେ ସ୍ଥାନିତ ହୋଇଥିଲା । ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ସମେତ ଭାରତୀୟ ପାଣିପାଗ ବିଭାଗ, ପାଣିପାଗ ଆଗୁଆ ସୂଚନା ପାଇଛି ମିଡିଅମରେନ୍ସ, ଆଇଆଇଟିଏମ୍, ଏନ୍‌ଆଇଓଟି, ଆଇଏନ୍‌ସିଓଆଇଏସ୍ ସମତେ ଅନେକ ସଂସ୍ଥା ଏବଂ ପ୍ରତଷ୍ଠାନକୁ ଇନସାଟ୍-୩ଡିଏସ୍ ତଥ୍ୟ ପଠାଇବ । ଏହି ସାଟ୍‌ଲାଇଟ୍‌ରେ ୬ ଚ୍ୟାନେଲ ଫଟୋ ଉଠାଇବାର ବ୍ୟବସ୍ଥା କରାଯାଇଥିଲାବେଳେ ଡାଟା ରିଲେ ଟ୍ରାନ୍ସପେଣ୍ଡର ଓ ରିସ୍କ୍ୟୁ ଟ୍ରାନ୍ସପେଣ୍ଡର ଆଦିର ବ୍ୟବସ୍ଥା ରହିଛି ।

## ଜେଲରେ ପୁଟିନ ବିରୋଧୀଙ୍କ ମୃତ୍ୟୁ



**ମାସ୍କୋ:** ରୁଷର ବିରୋଧୀ ଦଳ ନେତା ତଥା ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଘୋର ବିରୋଧୀ ଆଲେକ୍ସି ନଭଲୀନଙ୍କ ମୃତ୍ୟୁ ହୋଇଛି । ଆର୍କଟିକ ଜେଲରେ ସେ ବନ୍ଦୀ ଥିବା ଅବସ୍ଥାରେ ଶୁକ୍ରବାର ରହସ୍ୟଜନକ ଭାବେ ପ୍ରାଣ ହରାଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ନଭଲୀନ ଜେଲରେ ୧୯ ବର୍ଷର ସଜା କାଟୁଥିଲେ । ଆଜି ସେ ଚାଲିବା ପାଇଁ ବାହାରିଥିବା ବେଳେ ହଠାତ୍ ଅସୁସ୍ଥତା ଅନୁଭବ କରି ଅଚେତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଜେଲ କର୍ତ୍ତୃପକ୍ଷ କହିଛନ୍ତି, ନଭଲୀନ କିଛି ସମୟ ଚାଲିବା ପରେ ହଠାତ୍ ଅସହଜ ଅନୁଭବ କରିଥିଲେ । ସେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ । ଏହା ଦେଖି ମେଡିକାଲ କର୍ମଚାରୀ ତୁରନ୍ତ ତାଙ୍କ ପାଖକୁ ଯାଇଥିଲେ ।

ଗୋଟିଏ ଆମ୍ବୁଲାନ୍ସ ଟିମକୁ ମଧ୍ୟ ଡକାଯାଇଥିଲା । ତାଙ୍କୁ ସବୁ ପ୍ରକାରର ସେବା ଯୋଗାଇ ଦିଆଯାଇଥିଲେ ହେଁ କୌଣସି ସକରାତ୍ମକ ଫଳ ମିଳି ନଥିଲା । ଶେଷରେ ତାଙ୍କର ମୃତ୍ୟୁ ହୋଇ ସାରିଥିବା ପାରାମେଡିକ୍ସ ନିଶ୍ଚିତ କରିଥିଲେ ବୋଲି ଜେଲ କର୍ତ୍ତୃପକ୍ଷ କହିଛନ୍ତି । ଘଟଣା ପରେ ରୁଷିଆର ତଦନ୍ତକାରୀ ଟିମ ଏହାର ଯାଞ୍ଚ ଆରମ୍ଭ ହୋଇଥିବା କହିଛି । ନଭଲୀନଙ୍କ ପ୍ରେସ ସଚିବ କିରା ୟାରମୟଶ କହିଛନ୍ତି ଯେ ତାଙ୍କ ଟିମକୁ ମୃତ୍ୟ ସମ୍ପର୍କରେ କିଛି ବି କୁହାଯାଇ ନାହିଁ ।

୪୭ ବର୍ଷୀୟ ନଭଲୀନ ରୁଷର ପ୍ରମୁଖ ବିରୋଧୀ ଦଳ ନେତା । ସେ ସବୁବେଳେ ରୁଷରେ ପୁଟିନ ସରକାର କରୁଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ରୁଷରେ କଡ଼ା ନିୟମ ଥିଲେ ମଧ୍ୟ ନଭଲୀନଙ୍କ ଡାକରାରେ ଲକ୍ଷାଧିକ ଲୋକ ରାଜରାସ୍ତାରେ ଓହ୍ଲାଇ ପୁଟିନଙ୍କ ବିରୋଧ କରିବାର ନଜିର ରହିଛି । ୨୦୨୧ରେ ସେ ଜର୍ମାନୀରୁ ରୁଷ ଆସିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ସୋଭିଏତ ଯୁଗର ଜଣେ ଏଜେଣ୍ଟକୁ ବିଷ ଦେଇ ହତ୍ୟା ପାଇଁ ଚେଷ୍ଟା କରିବା ଘଟଣାରେ ତାଙ୍କୁ ୧୯ ବର୍ଷର ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

## ବାଣ ଗୋଦାମରେ ବିସ୍ଫୋରଣ, ୯ ମୃତ



**ଚେନ୍ନାଇ:** ତାମିଲନାଡୁର ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି । ଆଜି ସକାଳେ ବିରୁଧୁନଗରରେ ଏହି ଅଘଟଣ ଘଟିଛି । ପୁଲିସର କହିବା ଅନୁସାରେ, କାରଖାନାର ରାସାୟନିକ ମିଶ୍ରଣ ସ୍ଥାନରେ ପ୍ରଥମେ ବିସ୍ଫୋରଣ ଘଟିଥିଲା । ଏହାପରେ ଚାରିଆଡକୁ ନିଆଁ ବ୍ୟାପି ଯାଇଥିଲା । ବିସ୍ଫୋରଣ ବେଳେ ସାତ ଜଣଙ୍କର ମୃତ୍ୟୁ ଘଟିଥିଲା । ଡାକ୍ତରଖାନା ନେବା ବାଟରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ବିସ୍ଫୋରଣ ଘଟିଥିବା କାରଖାନା ବିଜୟ ନାମକ ଜଣେ ବ୍ୟକ୍ତିଙ୍କର । କାରଖାନା ଲାଇସେନ୍ସ ପ୍ରାପ୍ତ କି ନୁହେଁ, ସଠିକ୍ ନିୟମ ପାଳନ ହେଉଥିଲା କି ନାହିଁ, ଏସବୁ ବାବଦରେ ତଦନ୍ତ ଚାଲିଥିବା ପୁଲିସ କହିଛି । ସ୍ଥାନୀୟ ଲୋକ କହିଛନ୍ତି ଯେ, ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବିରାଟ ଶବ୍ଦ ହୋଇଥିଲା । କାରଖାନା ନିକଟରେ ଥିବା ଚାରୋଟି ବିଲ୍ଡିଂ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଥାଉ କି, ନିକଟରେ ରାଜ୍ୟରେ ଏପରିପରି ଏକ ସମାନ ଘଟଣା ଘଟିଥିଲା । କୃଷ୍ଣଗିରିର ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ତିନିଜଣ ମହିଳାଙ୍କ ସମେତ ଆଠ ଜଣଙ୍କର ମୃତ୍ୟୁ ଘଟିଥିଲା । ଏଥିସହ ଅନେକ ଲୋକ ଆହତ ହୋଇଥିଲେ ।

## ବିଜେପିରେ ମିଶିବେ କମଳନାଥ !

**ନୂଆଦିଲ୍ଲୀ:** କଂଗ୍ରେସ ରାଜନୀତିରେ ପୁଣି ଆଉ ଏକ ହଟଚମଟ ଦେଖାଦେଇଛି । ଇନ୍ଦିରା ଗାନ୍ଧିଙ୍କ ତୃତୀୟ ପୁଅ ଭାବେ ପରିଚୟ ସୃଷ୍ଟି କରିଥିବା କମଳନାଥ ବିଜେପିରେ ଯୋଗଦେବେ ବୋଲି ସୂଚନା ମିଳୁଛି । ଦଳରେ ଯାହା ଘଟୁଛି ସେ ଖୁସି ନଥିବା ଜଣାପଡୁଛି । ୪ ଦଶନ୍ଧି ଧରି ସେ କଂଗ୍ରେସରେ କାର୍ଯ୍ୟ କରିଥିଲେ । କେନ୍ଦ୍ରମନ୍ତ୍ରୀ ହେବା ସହ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଶନିବାର ସେ ଦିଲ୍ଲୀ ଆସିଛନ୍ତି କିନ୍ତୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିନାହାନ୍ତି ।



ମଧ୍ୟପ୍ରଦେଶର ଛିଣ୍ଡିୱାରା ନିର୍ବାଚନମଣ୍ଡଳୀରୁ ସେ ୯ଥର ସାଂସଦ ଭାବେ ଜିତିଛନ୍ତି । ତେବେ ବରିଷ୍ଠ କଂଗ୍ରେସ ନେତାମାନେ ଏଭଳି କଳ୍ପନାଜଳ୍ପନାକୁ ଖଣ୍ଡନ କରିଛନ୍ତି । କମଳନାଥ ଅସୁଖୀ ହେବାର କାରଣ ହେଉଛି ଯେ ସେ ଅନୁଭବ କରୁଛନ୍ତି ରାହୁଲ ଗାନ୍ଧି ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ବ୍ୟସ୍ତ ରହୁଥିବାରୁ ଜୟରାମ ରମେଶ, କେସି ବେଣୁଗୋପାଳ, ରଣଜିତ ସୁରଜୱାଲା ଦଳ ଚଳାଉଛନ୍ତି । ତାଙ୍କ ପୁଅ ନକୁଳ ନାଥ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ କଂଗ୍ରେସର ଚିହ୍ନକୁ ହଟାଇ ଦେଇଛନ୍ତି । ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଙ୍କୁ ରାଜ୍ୟସଭା ଲାଗି ମନୋନୀତ କରାଯାଇ ନଥିବାରୁ ସେ ଖୁସି ନାହାନ୍ତି ।

## ପରିବାରର ୧୨ ଜଣଙ୍କୁ ଗୁଳି କରି ହତ୍ୟା



**ତେହେରାନ:** ନୃଶଂସ ପାଲଟିଲା ପୁଅ । ଜନ୍ମ କଲା ବାପାକୁ ବି ଛାଡିଲାନି । ବାପାଙ୍କ ସମେତ ପରିବାରର ୧୨ ଜଣଙ୍କୁ ଗୁଳି କରି ହତ୍ୟା କଲା ପିଶାଚ ପୁଅ । ଏଭଳି କିଛି ହିଂସାତ୍ମକ ଘଟଣା ଘଟିଛି ଇରାନାରେ । ଶନିବାର ଦକ୍ଷିଣପୂର୍ବ ଇରାନର ଏକ ଗ୍ରାମାଞ୍ଚଳରେ ଏହି ହତ୍ୟାକଣ୍ଡ ଘଟିଛି । ଜଣେ ୩୦ ବର୍ଷୀୟ ବ୍ୟକ୍ତି ନିଜ ପରିବାରର ୧୨ ଜଣଙ୍କୁ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି । ପାରିବାରିକ କଳହ ଯୋଗୁଁ ବ୍ୟକ୍ତି ଜଣକ ନିଜ ବାପା, ଭାଇ ଏବଂ ପରିବାରର ଅନ୍ୟ ଦସ୍ୟଙ୍କ ଉପରକୁ ଗୁଳି ମାଡ କରିଥିବା ଜଣାପଡିଛି । କରମାନ ନ୍ୟାୟ ବିଭାଗ ପ୍ରଦେଶର ମୁଖ୍ୟ ଇବ୍ରାହିମ ହମିଦ ଏନେଇ ସୂଚନା ଦେଇଛନ୍ତି । ତାଙ୍କ କହିବା ମୁତାବକ, ଆକ୍ରମଣକାରୀ କିଏ ସେ ନେଇ ଚିହ୍ନଟ ହୋଇନାରି ନଥିବା ବେଳେ ସେ କାଲାସନିକୋଭ ରାଇଫଲ ଏକେ-୪୭ ରାଇଫଲ ବ୍ୟବହାର କରିଥିବା ଜଣାପଡିଛି । ପରେ ଦକ୍ଷିଣ-ମଧ୍ୟ ପ୍ରଦେଶର କିରମାନ ପ୍ରଦେଶରେ ସୁରକ୍ଷା ବାହିନୀ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଇରାନର ଗ୍ରାମାଞ୍ଚଳରେ ଗଣହତ୍ୟା ଘଟିବା ବିରଳ । ଏଠାକାର ଲୋକଙ୍କ କେବଳ ଶିକାର ପାଇଁ ବ୍ୟବହୃତ ବନ୍ଧୁକ ରଖିବା ଅଧିକାର ରହିଛି । ଏଭଳି ସ୍ଥିତିରେ ଏହି ହତ୍ୟାକାରୀ ବ୍ୟକ୍ତି ଜଣକ କାଲାସନିକୋଭ ରାଇଫଲ କେଉଁଠୁ ଆଣିଲେ ସେ ନେଇଁ ପ୍ରଶ୍ନ ଉଠିଛି ।

## ଆସ୍ଥା ଭୋଟ୍ ପ୍ରସ୍ତାବ ଆଣି ଶକ୍ତି ପ୍ରଦର୍ଶନ କଲେ କେଜରିୱାଲ



**ନୂଆଦିଲ୍ଲୀ:** ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ନିଜ ଆଡୁ ଆସ୍ଥା ଭୋଟ୍ ପ୍ରସ୍ଥାବ ଆଣି ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଆପ୍ ପାଖରେ ୬୨ଟି ଆସନ ଥିବା ପ୍ରମାଣ ଦେଇଛନ୍ତି । ବିଧାନସଭାରେ ଶକ୍ତି ପ୍ରଦର୍ଶନ ପରେ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ କେଜରିୱାଲ । ଆପ୍ ପୂଣ୍ୟର ରାଜନୀତି କରୁଛି, ବିଜେପି ପାପର ରାଜନୀତି କରୁଛି ବୋଲି କେଜରିୱାଲ କହିଛନ୍ତି । ସେ ଆହୁରି କହିଛନ୍ତି, ବିଜେପିର ଭବିଷ୍ୟତ ବିପଦରେ । ସେଥିପାଇଁ ସେମାନେ ଆମକୁ ଭୟ କରୁଛନ୍ତି । କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ପରେ ସେମାନେ ଆମକୁ ହଇରାଣ କରିଥିଲେ । କିନ୍ତୁ ୨୦୨୦ ଦିଲ୍ଲୀ ନିର୍ବାଚନରେ ୭୦ଟି ସିଟ୍ ମଧ୍ୟରୁ ଆପ୍ ପାଖକୁ ୬୨ଟି ଆସିଥିଲା । ଆଗକୁ ସେମାନେ ଦିଲ୍ଲୀର ପରାଜୟ ହଜମ କରିପାରିବେନି । ଗୋଟିଏ ରାଜ୍ୟରେ ବିଜେପି ମାଗଣା ବିଦ୍ୟୁତ୍ ଦେଇକି ଦେଖୁ, ଆପ୍ ପଞ୍ଜାବ ଏବଂ ଦିଲ୍ଲୀରେ ବିଦ୍ୟୁତ କାଟ୍ ଶୂନ୍ୟ କରିଦେଇଛି । ବିଜେପିକୁ ଆହ୍ୱାନ କରୁଛି ଗୁଜୁରାଟର ୧୦ଟି ବିଦ୍ୟାଳୟର ଉନ୍ନତି ଆଣିକି ଦେଖାଉ ବୋଲି କେଜରିୱାଲ କହିଛନ୍ତି । କେଜରିୱାଲ କହିଛନ୍ତି, ଆମେ ଅତି ସାମାନ୍ୟ ଲୋକ, ଆମର କୌଣସି ସ୍ଥିତି ନଥିଲା । ଆମ ବିରୋଧରେ ବଡ ଷଡଯନ୍ତ୍ର କରାଯାଉଛି । କିନ୍ତୁ ଆମେ ଦୃଢ ଭାବରେ ଠିଆ ହୋଇଛୁ । କାରଣ କୋଟି କୋଟି ଲୋକଙ୍କ ପ୍ରାର୍ଥନା ଆମ ସହିତ ଅଛି । ବିଜେପି ସହ କେବଳ ଅଭିଶାପ ରହିଛି । ଯେକୌଣସି ବ୍ୟକ୍ତିଙ୍କ ଘରେ ରେଡ୍ କରୁଛନ୍ତି, ଗୋଟିଏ ବି ଟଙ୍କା ପାଉନାହାନ୍ତି । ଆମର ସମ୍ପତ୍ତି ଲୋକମାନଙ୍କ ହୃଦୟରେ ଅଛି, ଆପଣ ଯେଉଁଠାରେ ଖୋଜୁଛନ୍ତି, ସେଠାରେ ନାହିଁ ବୋଲି କେଜରିୱାଲ କହିଛନ୍ତି । ସେ ଆହୁରି କହିଛନ୍ତି, ଆମ୍ ଆଦମୀ ପାର୍ଟି ପୁଣ୍ୟର ରାଜନୀତି କରେ, ବିଜେପି ପାପ ରାଜନୀତି କରେ । ଲୋକେ କଣ ଚାହୁଁଛନ୍ତି, ସେମାନଙ୍କୁ ସ୍ଥିର କରିବାକୁ ପଡିବ । ବିଜେପି ୨୦୨୪ ନିର୍ବାଚନ ଜିତିବା ପରେ ଦିଲ୍ଲୀ ବିଧାନସଭାକୁ ରଦ୍ଦ କରିବାକୁ ଚାହୁଁଛି । ଦିଲ୍ଲୀ କାହା ବାପାର ସମ୍ପତ୍ତି କି?, ଯିଏ ବିଧାନସଭାକୁ ଶେଷ କରିଦେବ ।

## ରାଜ କାର୍ଯ୍ୟ କରିବେ ରାଜକୁମାର ହ୍ୟାରି



**ଲଣ୍ଡନ:** ରାଜା ତୃତୀୟ ଚାର୍ଲସ୍ କର୍କଟରୋଗାକ୍ରାନ୍ତ ହୋଇଥିବା କଥା ଜାଣିବା ପରେ ତାଙ୍କୁ ଦେଖିବା ପାଇଁ ରାଜକୁମାର ହ୍ୟାରି ଇଂଲଣ୍ଡ ଆସିଛନ୍ତି । ସୂଚନାଯୋଗ୍ୟ, ରାଜପରିବାର ଦ୍ୱାରା ଉପେକ୍ଷିତ ହେଉଥିବା କଥା ଅନୁଭବ କରିବା ପରେ ରାଜକୁମାର ହ୍ୟାରି ତାଙ୍କର ସମସ୍ତ ରାଜକୀୟ କର୍ତ୍ତବ୍ୟରୁ ଓହରି ଯାଇଥିଲେ । କିନ୍ତୁ, ଏବେ ସେ ନିଜର ପୁରୁଣା କର୍ତ୍ତବ୍ୟ କରିବାକୁ ଆଗ୍ରହୀ ବୋଲି ଜଣାପଡ଼ିଛି । କିନ୍ତୁ, 'ପେଜ୍ ସିକ୍ସ' ରିପୋର୍ଟ କରିଛି ଯେ, ଯଦି ରାଜା ଚାର୍ଲସ୍ କହିବେ, ତେବେ ସେ ରାଜକୀୟ କର୍ତ୍ତବ୍ୟ କରିବେ । ରାଜା ତୃତୀୟ ଚାର୍ଲସ୍ ତଥା ବାପା କର୍କଟରୋଗରେ ପୀଡ଼ିତ ହୋଇଥିବା ଖବର ଶୁଣିବା ମାତ୍ରେ ରାଜକୁମାର ହ୍ୟାରି ଇଂଲଣ୍ଡ୍ ଆସିବାକୁ ଆମେରିକାରୁ ବିମାନ ଆରୋହଣ କରିଥିଲେ । ଏହି ସମୟରେ 'ଗୁଡ୍ ମର୍ଣ୍ଣିଂ ଆମେରିକା'କୁ ୩୯ ବର୍ଷିୟ ହ୍ୟାରି କହିଛନ୍ତି, ଖବର ପାଇବା ମାତ୍ରେ ମୁଁ ବାପାଙ୍କ ସହିତ କଥା ହେଲି । ତୁରନ୍ତ ବିମାନ ଆରୋହଣ କରି ତାଙ୍କୁ ଦେଖିବାକୁ ଗଲ । ମୁଁ ମୋ ପରିବାରକୁ ଶ୍ରଦ୍ଧା କରେ । ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି 'ପେଜ୍ ସିକ୍ସ' ରିପୋର୍ଟ କରିଛି ଯେ, ରାଜ ପରିବାର ସହିତ ପୁନର୍ମିଳିତ ହେବାକୁ ରାଜକୁମାର ହ୍ୟାରି ଓ ତାଙ୍କ ସ୍ତ୍ରୀ ମେଘାନ ମାର୍କଲ୍ 'ମାଷ୍ଟର୍ପ୍ଲାନ୍' କରୁଛନ୍ତି । ରାଜା ଚାର୍ଲସ୍ କର୍କଟରୋଗାକ୍ରାନ୍ତ ହେବା ପାରିବାରିକ ପୁର୍ମିନଳନ ଉପରେ ସୁପ୍ରଭାବ ପକାଇବ କି, ବୋଲି ପଚରାଯିବାରୁ ରାଜକୁମାର ହ୍ୟାରି କହିଲେ, ନିଶ୍ଚୟ ହଁ । ମୁଁ ସୁନିଶ୍ଚିତ । ରାଜପରିବାରରେ ଏହା ନିତ୍ୟନେମିତିକ ଘଟଣା ବୋଲି ମୁଁ ଜାଣେଛ ପରିବାର ଲୋକେ ଏକଜୁଟ ହୁଅନ୍ତି । ସେ କହିଛନ୍ତି ଯେ, ସମ୍ପ୍ରତି ସେ ଆମେରିକାରୁ ଇଂଲଣ୍ଡ ଯାତାୟାତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । କିନ୍ତୁ, ମେଘାନ୍ ଓ ସେମାନଙ୍କର ଦୁଇ ସନ୍ତାନ କୁମାର ଆର୍ଚି ଓ ଜେମା ଲିଲିବେଟ୍ ଆମେରିକାର କାଲିଫର୍ଣ୍ଣିଆରେ ରହିବେ ।

## ୩୫ କୋଟି ଜରିମାନା ଦେବେ ଟ୍ରମ୍ପ



**ୱାଶିଂଟନ:** ସିଭିଲ୍ ଠକେଇ ମାମଲାରେ ଶୁକ୍ରବାର ଦିନ ଟ୍ରମ୍ପ ଏବଂ ତାଙ୍କର ଦୁଇ ପୁଅଙ୍କୁ ଜରିମାନା ଦେବାକୁ ନ୍ୟୁୟର୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିଲା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଡୁଆ । ସିଭିଲ୍ ଠକେଇ ତଥା ନାଗିରକ ଠକେଇ ମାମଲରେ ତାଙ୍କୁ ଅଦାଲତରୁ ମିଳିଲା ଝଟକା । ମୋଟା ଅଙ୍କର ଜରିମାନା ଦେବେ ଟ୍ରମ୍ପ । କୋର୍ଟ ତାଙ୍କ ଉପରେ ୩୫୫ ମିଲିଅନ ଡଲାର ଅର୍ଥାତ୍ ୩୫ କୋଟି ୫୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି । ସିଭିଲ୍ ଠକେଇ ମାମଲାରେ ଶୁକ୍ରବାର ଦିନ ଟ୍ରମ୍ପ ଏବଂ ଟ୍ରମ୍ପ ସଂଗଠନକୁ ଜରିମାନା ଦେବାକୁ ନ୍ୟୁୟର୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଟ୍ରମ୍ପଙ୍କୁ ତିନି ବର୍ଷ ଧରି ନ୍ୟୁୟର୍କରେ ଏକ କମ୍ପାନୀର ନିର୍ଦ୍ଦେଶକ ଭାବେ କାମ କରିବାକୁ ବାରଣ କରାଯାଇଛି । ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟତୀତ ତାଙ୍କର ଦୁଇ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର୍ ଓ ଏରିକ୍ ଟ୍ରମ୍ପଙ୍କ ଉପରେ ମଧ ଜରିମାନା ଲାଗିଛି । କୋର୍ଟ ଉଭୟଙ୍କୁ ୪ ମିଲିଅନ(୪ କୋଟି) ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସେମାନଙ୍କୁ ଦୁଇ ବର୍ଷ ଧରି ନିର୍ଦ୍ଦେଶକ ଭାବେ କାମ କରିବାକୁ ବାରଣ କରାଯାଇଛି । ଟ୍ରମ୍ପ ଓ ତାଙ୍କ ଦୁଇ ପୁଅଙ୍କ ବିରୋଧରେ ଜାନୁଆରୀ ଶେଷ ଆଡକୁ ଏକ ମାମଲା ରୁଜୁ ହୋଇଥିଲା । ଠକେଇ କରି ନିଜ ସମ୍ପତ୍ତିରେ ଶହ ଶହ କୋଟି ଡଲାର ବୃଦ୍ଧି କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ମାମଲାରେ ଟ୍ରମ୍ପ ଓ ତାଙ୍କ ଦୁଇ ପୁଅ ଦୋଷୀ ସାବ୍ୟସ୍ତ ହୋଇଥିଲେ । ତେବେ ଏହି ଅଭିଯୋଗକୁ କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପୁଅମାନେ ଖଣ୍ଡନ କରିଛନ୍ତି । ଆମେ କୌଣସି ଭୁଲ୍ କରିନୁ ବୋଲି କହିଛନ୍ତି ।

ସୂଚନା ମୁତାବକ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ଦୁଇ ପୁଅ ବ୍ୟାଙ୍କ ଏବଂ ଅନ୍ୟାନ୍ୟ କମ୍ପାନୀକୁ ଠକିବା ସହ ସେମାନଙ୍କର ରିଅଲ ଇଷ୍ଟେଟ୍ ବ୍ୟବସାୟକୁ ବାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସେମାନେ ଲାଭ ପାଇଁ ନିଜର ସମ୍ପତ୍ତିକୁ ଅତ୍ୟଧିକ ବାଇ ଚାଇ ଦର୍ଶାଇଛନ୍ତି । ୨୦୨୩ ମସିହାରେ ଏହି ମାମଲାରେ ଏକ ମାସ ଧରି ଶୁଣାଣି ପରେ ଜଷ୍ଟିସ୍ ଆର୍ଥର ଏଙ୍ଗୋରୋନ ଏହି ମାମଲାରେ ଯୁକ୍ତି ବନ୍ଦ କରିଦେଇଥିଲେ । ଶୁକ୍ରବାର କୋର୍ଟ ଏହି ମାମଲାର ନିଷ୍ପତ୍ତି ଶୁଣାଇଛନ୍ତି ।

## ଘଣ୍ଟାଏ ବିଶ୍ରାମ ନେବେ ରାମ ଲଲ୍ଲା



**ଅଯୋଧ୍ୟା:** ଦୈନିକ ଅପରାହ୍ଣରେ ରାମ ଲଲ୍ଲା ଘଣ୍ଟା ବିଶ୍ରାମ ନେବେ ବୋଲି ସ୍ଥିର କରାଯାଇ ଥିବାରୁ ଶୁକ୍ରବାର ଠାରୁ ରାମ ମନ୍ଦିର ଦର୍ଶନ ପାଇଁ ନୂତନ କାର୍ଯ୍ୟନିର୍ଘଣ୍ଟ ଲାଗୁ କରାଯିବ ବୋଲି 'ଟାଇମ୍ସ ନାଓ' ରିପୋର୍ଟ କରିଛି । ରାମ ଲଲ୍ଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ମୁଖ୍ୟ ପୂଜକ ଚିନ୍ତା ପ୍ରକଟ କରିବାରୁ ଏହି ନୂତନ କାର୍ଯ୍ୟନିର୍ଘଣ୍ଟ ଲାଗୁ କରାଯିବ । ମୁଖ୍ୟ ପୂଜକ ଗୁରୁତ୍ୱାରୋପ କରି କହିଲେ ଯେ, ପ୍ରଭୁ ରାମ ୫ ବର୍ଷର ବାଳକ ଅବସ୍ଥାରେ ଥିବାରୁ ତାଙ୍କ ଉପରେ ମାତ୍ରାଧିକ ଚାପ ପକାଯିବା ଅନୁଚିତ । ପବିତ୍ର ନଗରୀ ଅଯୋଧାରେ ଜାନୁଆରୀ ୨୨ ତାରିଖରେ ରାମ ଲଲ୍ଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଆୟୋଜିତ ହେବା ପରଠାରୁ ଭକ୍ତମାନଙ୍କର ସ୍ରୋତ ଛୁଟୁଛି । ତେଣୁ, ମନ୍ଦିର ଟ୍ରଷ୍ଟ ଦର୍ଶନ ସମୟ ସକାଳ ୬ଟାରୁ ରାତି ୧୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଏଥିପାଇଁ ଜାନୁଆରି ୨୩ ତାରିଖଠାରୁ ରାମ ଲଲ୍ଲାଙ୍କୁ ରାତି ୪ଟାରୁ ଉଠାଯାଇ ପୂଜାବିଧି କରାଯାଉଥିଲା । ଏସବୁ ଦେଖି ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ଗୁରୁତ୍ୱାରୋପ କରି କହିଲେ, ଶ୍ରୀ ରାମ ଲଲ୍ଲା ୫ ବର୍ଷର ବାଳକ ହୋଇଥିବାରୁ ୧୮ ଘଣ୍ଟା ଧରି ଭାରାକ୍ରାନ୍ତ ହୋଇ ରହିପାରିବେ ନାହିଁ । ତେଣୁ, ଦିଅଁଙ୍କର ସ୍ୱାସ୍ଥ୍ୟାବସ୍ଥା ପ୍ରତି ଧ୍ୟାନ ଦେଇ ପ୍ରତିଦିନ ଅପରାହ୍ଣ ୧୨.୩୦ରୁ ୧.୩୦ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ବନ୍ଦ ରହିବ । ଏହି ସମୟରେ ରାମ ଲଲ୍ଲା ବିଶ୍ରାମ ନେବେ ।

# ଦ.ଆଫ୍ରିକା ବିରୋଧରେ ନ୍ୟୁଜିଲାଣ୍ଡ ବିଜୟୀ




ହାମିଲଟନ, ୧୭।୨ (ଏଜେନ୍ସି): ସେଡନ୍ ପାର୍କରେ କେନ୍ ୱିଲିୟମସନ୍‌ଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ୯୨ ବର୍ଷ ପରେ ଦକ୍ଷିଣ ଆଫ୍ରିକାକୁ ଏକ ଟେଷ୍ଟ ଶୃଙ୍ଖଳାରେ ପରାସ୍ତ କରିଛି । ଉଭୟ ଦଳଙ୍କ ମଧ୍ୟରେ ୧୯୩୧ ମସିହାରୁ ଟେଷ୍ଟ ଶୃଙ୍ଖଳା ଖେଳାଯାଇ ଆସୁଥିଲା ବେଳେ ନ୍ୟୁଜିଲାଣ୍ଡ ଥରୁଟିଏ ବି ଜିତିନଥିଲା । ଦକ୍ଷିଣ ଆଫ୍ରିକା ୧୩ ଥର ବିଜେତା ହୋଇଥିଲା ବେଳେ ୪ ଶୃଙ୍ଖଳା ଅମୀମାଂସିତ ରହିଥିଲା । ପ୍ରଥମ ଟେଷ୍ଟକୁ ନ୍ୟୁଜିଲାଣ୍ଡ ୨୮୧ ରନରେ ଜିତିବା ପରେ ଶୁକ୍ରବାର ଦ୍ୱିତୀୟ ଟେଷ୍ଟକୁ ୭ ୱିକେଟରେ ଜିତିଛି । ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୨୪୨ ରନ୍ କରିଥିଲା ବେଳେ ନ୍ୟୁଜିଲାଣ୍ଡ ୨୧୧ରେ ସୀମିତ ରହିଥିଲା। ଦ୍ୱିତୀୟ ପାଳିରେ ଡେଭିଡ୍ ବେଡିଙ୍ଗହାମ୍‌ଙ୍କ ୧୧୦ ରନର ପାଳି ସହାୟତାରେ ଦକ୍ଷିଣ ଆଫ୍ରିକା ୨୩୫ ରନ୍ ସଂଗ୍ରହ କରିବା ସହ ଘରୋଇ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୬୭ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । କେନ୍ ୱିଲିୟମସନ୍ (୧୩୩, ୨୬୦ ବଲ୍, ୧୨ ଚୌକା, ୨ଛକା) ଓ ୱିଲ ୟଙ୍ଗ୍ (୬୦, ୧୩୪ ବଲ୍, ୮ ଚୌକା)ଙ୍କ ଅତୁଟ ଚତୁର୍ଥ ୱିକେଟ୍ ୧୫୨ ରନ୍ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୯୪.୨ ଓଭର ବେଳକୁ ୩ ୱିକେଟ୍ ବିନିମୟରେ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ବିଜୟୀ ଦଳର ପଦାର୍ପଣକାରୀ ଦ୍ରୁତ ବୋଲର ୱିଲିୟମ୍ ଓ'ରୁର୍କି (୪/୫୯, ୫/୩୪)ଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଓ ୱିଲିୟମସନ୍‌ଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ଦିଆଯାଇଛି । ସଂକ୍ଷିପ୍ତ ସ୍କୋର: ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି: ୨୪୨/୧୦ (ରୁଆନ୍ ଡି ସ୍ୱର୍ଡଟ-୬୪, ୱିଲିୟମ୍ ଓ'ରୁର୍କି-୪/୫୯) । ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୨୧୧/୧୦ (କେନ୍ ୱିଲିୟମସନ୍-୪୩, ଟମ୍ ଲାଥମ୍-୪୦, ଡେନ୍ ପାଇଡିଟ୍-୫/୮୯) । ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି: ୨୩୫/୧୦ (ଡେଭିଡ୍ ବେଡିଙ୍ଗହାମ୍-୧୧୦, ୱିଲିୟମ୍ ଓ'ରୁର୍କି-୫/୩୪) । ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳି: ୯୪.୨ ଓଭରରେ ୨୬୯/୩ (କେନ୍ ୱିଲିୟମସନ୍-୧୩୩, ୱିଲ ୟଙ୍ଗ-୬୦, ଡେନ୍ ପିଟ୍-୩/୯୩) ।

## ତୃତୀୟ ଟେଷ୍ଟ

# ଭାରତ ୩୨୨ ରନରେ ଆଗୁଆ

ରାଜକୋଟ, ୧୭।୨ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମଜବୁତ ସ୍ଥିତିରେ ଅଛି ଭାରତ । ତୃତୀୟ ଦିନ ଷ୍ଟମ୍ପ୍ ଅପସାରଣ ସୁଦ୍ଧା ଦଳ ୨ ୱିକେଟରେ ୧୯୬ ରନ୍ ସଂଗ୍ରହ କରିଛି । ଫଳରେ ଦଳ ଇଂଲଣ୍ଡ ଠାରୁ ୩୨୨ ରନ୍ ଆଗରେ ରହିଛି । ଆଜି ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲିଶ ଟିମ୍ ୩୧୯ ରନରେ ଅଲଆଉଟ୍ ହୋଇ ଯାଇଥିଲା । ଫଳରେ ପୂର୍ବରୁ ୪୪୫ ରନ୍ କରିଥିବା ଟିମ୍ ଇଣ୍ଡିଆ ୧୨୬ ରନ୍ ଆଗରେ ରହିଥିଲା । ଏହାପରେ ଦ୍ୱିତୀୟ ଇନିଂସ ଖେଳିଥିଲା ଭାରତ । ପ୍ରାରମ୍ଭରୁ ଭଲ ସର୍ଟ୍ସ ଖେଳୁଥିବା ରୋହିତ ଶର୍ମା ରୁଟଙ୍କ ବଲରେ ଏଲବିଡବ୍ଲୁ ହୋଇ ଯାଇଥିଲେ । ଏହାପରେ ଯଶସ୍ୱୀ ଓ ଗିଲଙ୍କ ଯୋଡ଼ି ଜମିଥିଲା । ଉଭୟଙ୍କ ବାଗିଦାରୀରେ ୧୫୫ ରନ୍ ହୋଇଥିଲା । ଏହାପରେ ଯଶସ୍ୱୀ ୧୦୪ ରନ୍ କରିଥିବା ବେଳେ ରିଟାର୍ଡ ହର୍ଟ ନେଇ ଯାଇଥିଲେଛ ଫଳରେ ରଜତ ପଟିଦାର ଆସିଥିଲେ । ସେ କିଛି ସମୟ ଖେଳିବା ପରେ କ୍ୟାଚ୍ ଆଉଟ୍ ହୋଇ ଯାଇଥିଲେ । ଏହାପରେ ଶୁବମନଙ୍କ ସାଥ୍ ଦେଇଥିଲେ କୁଳଦୀପ ଯାଦବ । ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଗିଲ୍ ୬୫ ରନ୍ ଏବଂ କୁଳଦୀପ ୩ ରନ୍ କରି ଅପରାଜିତ ଥିଲେ ।




## ଶତକ ମାରିଲେ ଯଶସ୍ୱୀ

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ କ୍ୟାରିଅରର ପ୍ରଥମ ଦ୍ୱିଶତକ ହାସଲ କରିଥିବା ଯଶସ୍ୱୀ ଆଜି ଆଉ ଏକ ଶତକ ମାରିଛନ୍ତି । ଟେଷ୍ଟ କ୍ୟାରିଅରରେ ଆଉ ଏକ ଶତକୀୟ ପାଳି ଖେଳିଛନ୍ତି ଯଶସ୍ୱୀ ଜୈସ୍‌ୱାଲ । ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଆଜି ସେ ମାରିଛନ୍ତି ଶତକ । ଏହା ହେଉଛି ଇଂଲଣ୍ଡ ବିରୋଧରେ ତାଙ୍କର ଦ୍ୱିତୀୟ ଶତକ । ଏହା ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଇନିଂସରେ ସେ ଦ୍ୱିଶତକ ମାରିଥିଲେ । ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୨୨ଟି ବଲ୍ରୁ ୧୦୦ ରନ୍ କରିଥିଲେ ଯଶସ୍ୱୀ । ୯ଟି ଚୌକା ଓ ୫ଟି ଛକା ସହାୟତାରେ ସେ ଶତକ ମାରିଥିଲେ । ଯଶସ୍ୱୀ ଏଯାବତ ୬ଟି ଟେଷ୍ଟ ଖେଳିଥିବା ବେଳେ ଏହା ହେଉଛି ତାଙ୍କର ତୃତୀୟ ଶତକ । ୱେଷ୍ଟଇଣ୍ଡିଜ ବିପକ୍ଷ ଡେବ୍ୟୁ ମ୍ୟାଚରେ ପ୍ରଥମ ଶତକ ହାସଲ କରିଥିଲେ ଯଶସ୍ୱୀ । ଯଶସ୍ୱୀ ଆଜି ୧୩୩ଟି ବଲରୁ ୧୦୪ ରନ୍ କରିଥିବା ବେଳେ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନକୁ ଚାଲି ଯାଇଥିଲେ । ଶୁବମନ ଗିଲ୍‌ଙ୍କ ସହିତ ତାଙ୍କର ୧୫୫ ରନର ପାର୍ଟନରଶିପ୍ ହୋଇଥିଲା । ଖବର ଲେଖାଯିବା ବେଳକୁ କ୍ରିଜରେ ଅଛନ୍ତି ଶୁବମନ ଗିଲ୍ ଓ କୁଳଦୀପ ଯାଦବ । ଶୁବମନ ୬୨ ରନ୍ କରି ଖେଳୁଥିବା ବେଳେ କୁଳଦୀପ ଖାତା ଖୋଲି ନାହାନ୍ତି । ଅନ୍ୟପକ୍ଷରେ ରଜତ ପଟିଦାର ଶୂନରେ ଆଉଟ୍ ହୋଇଯାଇଥିଲେ । ରାଜକୋଟରେ ଖେଳା ଯାଉଥିବା ଇଂଲଣ୍ଡ ବିପକ୍ଷ ଏହି ଟେଷ୍ଟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିଲା ଟିମ୍ ଇଣ୍ଡିଆ । ପ୍ରଥମ ଇନିଂସରେ ଦଳ ୪୪୫ ରନ୍ ସଂଗ୍ରହ କରିଥିଲା । ଜବାବରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୩୧୯ ରନରେ ଅଲଆଉଟ୍ ହୋଇଯାଇଥିଲା ।

# ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ, ଝାରସୁଗୁଡା ବିଜୟୀ



ବଲାଙ୍ଗିର,୧୭।୨(ସବ୍ୟୁ): ସିସିଏଫ୍‌ଏ କଲେଜଛକ ପକ୍ଷରୁ ସ୍ଥାନୀୟ ମିଶନ ହାଇସ୍କୁଲ ପଡିଆ ଠାରେ ଦ୍ୱିତୀୟ ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗ (ସୋନୁ) ନେତୃତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ,ନିର୍ଦ୍ଦେଶକ ସୁଲୋଚନା ଆଇଟିସି ମନୋଜ କୁମାର ମିଶ୍ର ଏବଂ ୱାର୍ଡ ନଂ.୩ କାଉନସିଲର ରଜନୀ ବନଛୋର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।ଦୋସ୍ତି ବ୍ରଦର୍ସ ଝାରସୁଗୁଡା ୧-୦ ଗୋଲରେ ଜଗା ଏକାଡେମୀ ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଖେଳକୁ ରେଫରି ଭାବରେ ଶଶିକାନ୍ତ ଦାସିଆ, ଶୁଶାନ୍ତ ନାଗ, ଦେବାଶିଷ ବାଗ ଓ ସୁଦର୍ଶନ ସେଠ ପରିଚାଳନା କରିଥିବା ବେଳେ ସୁଦୟ ବାରିକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଭେଟେରାନ ଖେଳାଳି ଶ୍ରୀଧର ବଡିଆ, ପ୍ରଭାତ କୁମାର ଦାଶ, ପ୍ରଦୋଶ କୁମାର ଦାଶ, ଅବଦୁ ସାହୁ, ବିଧୁଭୂଷଣ ସେଠ, ସରୋଜ କୁମାର ବାଗ, ଜିତୁ କୁମାରଙ୍କୁ ଅତିଥିଗଣ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସିସିଏଫ୍‌ଏ ସଭାପତି ଶ୍ରୀ ନାଗ କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ, ସଂସଦର ସଦସ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା ଓ କ୍ରିଡା ସଂପାଦକ ବିଭୁତି ଭୂଷଣ ପଣ୍ଡାଙ୍କୁ ଉପଢୌକନ ଦେଇ ସମ୍ମାନିତ କରି ଥିଲେ । ସିସିଏଫ୍‌ଏ କ୍ଲବର ଉପ-ସଭାପତି ଗମନିଏଲ ନାଗ, ସଂପାଦକ ହେମନ୍ତ କୁମାର ବେହେରା, ଯୁଗ୍ମ ସଂପାଦକ ସରଜୁ ନାଗ, ପରିଚାଳନା କମିଟି ସଦସ୍ୟ ସାନ୍ତନୁ ନାଗ, ପୃଥେଶ୍ୱର ନାଗ, ପୂର୍ବତନ ସଭାପତି ଶ୍ରୀଧର ସେଠ ପ୍ରମୁଖ ସହଯୋଗ କରିଥିଲେ ।

## ମାର୍ଚ୍ଚ ୧୦ରୁ ସର୍ବଭାରତୀୟ ବେସାମାରିକ ଟିଟି ପ୍ରତିଯୋଗିତା

ଭୁବନେଶ୍ୱର,୧୭।୨(ସବ୍ୟୁ): ଆସନ୍ତା ମାସ ୧୦ ତାରିଖରୁ ଗାନ୍ଧିନଗର ସ୍ଥିତ ସଚିବାଳୟ ଜିମ୍‌ଖାନା ଠାରେ ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ ଉଭୟ ପୁରୁଷ ଓ ମହିଳା (ପ୍ରତିଯୋଗିତା) ଆରମ୍ଭ ହେବାକୁଯାଉଛି । ଏହା ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ୧୮ ତାରିଖ ରବିବାର ସକାଳ ୮.୩୦ ସମୟରେ ଲକ୍ଷ୍ମୀସାଗର ସ୍ଥିତ ଓଡ଼ିଶା ଟେବୁଲ ଟେନିସ୍ ଏକାଡେମୀ, ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଏହି ଖେଳରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା ବ୍ୟକ୍ତିମାନେ ଭାଗ ନେଇ ପାରିବେ । ଯେଉଁମାନେ ଏଥିରେ ଭାଗ ନେବାକୁ ଚାହାଁନ୍ତି ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ସାଇଜ ଫଟୋ ସାଙ୍ଗରେ ଆଣି ନିର୍ଦ୍ଧାରିତ ସମୟରେ ନାମ ପଞ୍ଜିକରଣ କରିପାରିବେ ।

# ଅଡିଟ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ




ଭୁବନେଶ୍ୱର,୧୭।୨(ସବ୍ୟୁ):ସ୍ଥାନୀୟ ମହାଲେଖାକାର ଅଡିଟ -୧ଆନୁକୂଲ୍ୟରେ ଏବଂ ଏ.ଜି ରିକ୍ରେସନ କ୍ଲବ ସହଯୋଗରେ ଅଡିଟ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ ଆଜି କଳିଙ୍ଗ ହକି ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଅଛି । ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଶାର କ୍ରୀଡା ଓ ଯୁବ ସେବା ବିଭାଗ ଶାସନ ସଚିବ ଭିନୀଲ କ୍ରିଷ୍ଣା ମୁଖ୍ୟ ଅତିଥି, ପ୍ରଧାନ ମହାଲେଖାକାର ରାଜ କୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଯାଦୋନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର, ବିକାଶ କୁମାର ଓ ଶୁଭମ ବୈଦ୍ୟ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉପ-ମହାଲେଖାକାର ସୁଶ୍ରୀ ତାନ୍ୟା ଆମ୍ବସ୍ତା ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି ଆନନ୍ଦ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡିଶା, ପଶ୍ଚିମ ବଙ୍ଗ, ଝାଡାଖଣ୍ଡ ଯୋଗ ଦେଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ୩ଟି ଦଳ ମଧ୍ୟରୁ ଗତ ବର୍ଷର ପୂର୍ବାଞ୍ଚଳ ବିଜେତା ପଶ୍ଚିମ ବଙ୍ଗ ଦଳ ସିଧା ଫାଇନାଲକୁ ଯାଇଥିବା ବେଳେ ଗତବର୍ଷ ପୂର୍ବାଞ୍ଚଳ ଉପ ବିଜେତା ଏଜି ଓଡ଼ିଶା ଦଳ ଓ ଏଜି ଝାରଖଣ୍ଡ ମଧ୍ୟରେ ଆଜି ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧର ୭ ମିନିଟରେ ଏଜି ଝାରଖଣ୍ଡ ଦଳର ଜାଭିଅର ଗିଧ ଓଡିଶା ବିରୁଦ୍ଧରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇ ଥିଲେ । ଓଡିଶା ଦଳର ଥିଓଫିଲ କୁଜୁର ଖେଳର ୮ ମିନିଟ ଓ ୨୧ ମିନିଟରେ ୨ଟି, ସତୀଶ ଯାଦବ ଖେଳର ୯ ମିନିଟ ଓ ୨୪ ମିନିଟରେ ୨ଟି, ଅମଲ ପାଲ ଖେଳର ୧୫ ମିନିଟରେ ଗୋଟିଏ ଗୋଲ ଝାରଖଣ୍ଡ ବିପକ୍ଷରେ ଦେଇଥିଲେ । ଏହାପରେ ଝାରଖଣ୍ଡ ଦଳର ଅଭିଷେକ ସିଂହ ୨୯ ମିନିଟରେ ଓଡିଶା ବିପକ୍ଷରେ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧରେ ଓଡିଶା ଦଳ ୫-୨ ରେ ଆଗୁଆ ଥିଲା । ଖେଳର ଦ୍ୱିତୀୟାର୍ଦ୍ଧର ୩୩ ଓ ୩୫ ମିନିଟରେ ଓଡିଶା ଦଳର ମନୀଷ କୁମାର ଶର୍ମା ୨ଟି, ଅମଲ ପାଲ ୩୮ ମିନିଟରେ ଗୋଟିଏ ଓ ଝାରଖଣ୍ଡ ଦଳର ଜୀବନ ଡାଙ୍ଗ ୫୬ ମିନିଟରେ ଗୋଟିଏ ଗୋଲ ଦେଇଥିଲେ । ଓଡିଶା ଦଳ ୮-୩ ଗୋଲରେ ସେମିଫାଇନାଲରେ ବିଜୟୀ ହୋଇଥିଲେ । ଆଜିର ଖେଳକୁ ରେଫରୀ ଗୌରବ ମେହେଟ୍ଟା, ମହମ୍ମଦ ଇଲିୟାସ ଅହମ୍ମଦ,ବି. ନରସିଂହ ପ୍ରସାଦ ରାଓ, ପି ରାମମୋହନ, ଏସ. ଏସ ଜୋଡ଼ାନ, ପ୍ରଣବ ପଟ୍ଟନାୟକ ପରିଚାଳନା କରିଥିଲେ । ଆସନ୍ତାକାଲି ସନ୍ଧ୍ୟା ୬ଟା ବେଳେ କଳିଙ୍ଗ ହକି ଷ୍ଟାଡିୟମ ଠାରେ ପଶ୍ଚିମ ବଙ୍ଗ ଓ ଓଡିଶା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଜଣାଇଛନ୍ତି ।






Meera's COURTYARD

AT KURANGA PHULNAKHARA

Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking.

WILL perfectly match to your dream to make your event a memorable one.

For:
• Wedding • Star night • Conference and work shops
• Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ସର୍ବଭାରତୀୟ ଫୁଟବଲ, ଫାଇନାଲରେ ରାମଧୁନ କ୍ଲବ



ସୋନପୁର,୧୭।୨(ସବ୍ୟୁ): ୧୫ ତମ ସର୍ବଭାରତୀୟ ରାମଧୁନ୍ କପ୍ ଫୁଟବଲ ଟୁର୍ଣାମେଣ୍ଟରେ ଟି ୱାଇ ସି ସୁନାବେଡ଼ା ଦଳକୁ ୧-୦ ଗୋଲରେ ହରାଇ ଆୟୋଜକ ରାମଧୂନ୍ କ୍ଲବ୍ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି । ସେମି ଫାଇନାଲ ଖେଳ ଖୁବ୍ ସଂଘର୍ଷ ପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି ଭାବେ ବିରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୋନପୁର ଉପ ଜିଲ୍ଲାପାଳ ସୁରଜ୍ କୁମାର୍ ପଟ୍ଟନାଏକ, ଅବସର ପ୍ରାପ୍ତ କର୍ଣ୍ଣୋଲ ମଧୁ ସୂଦନ ପୂଜାରୀ, ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ବଲାଙ୍ଗିର ଜିଲ୍ଲା କ୍ରିଡ଼ା ଅଧିକାରୀ ପରାଶର ବାଗ,ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ଅଭିମନ୍ୟୁ ପାଣ୍ଡେ, ମାର୍ଚେଣ୍ଟ ଆସୋସିଏସନ୍ ସମ୍ପାଦକ ଗୁଣନିଧି ମେହେର, ଜିଲ୍ଲା କ୍ରିଡ଼ା ସଂଘ ବରିଷ୍ଠ ସଦସ୍ୟ ବିକାଶ ମିଶ୍ର, ଭେଟରାନ ଫୁଟବଲ୍ ଖେଳାଳି ବଳରାମ ପଣ୍ଡା, ମହିଳା ଫୁଟବଲ ଖେଳାଳୀ ସୁଷମା ଦଳାଇ, ପ୍ରତିମା ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିଜୟୀ ରାମ ଧୂନ୍ କ୍ଲବ୍ ଦଳର ଖେଳାଳି ବଣ୍ଟି ମୁଣ୍ଡାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସୋନୁ ଫାଷ୍ଟ ଫୁଡ୍ ତରଫ ରୁ ଗୋଲ୍ ସ୍କୋରର ଭାବେ ମିଷ୍ଟର୍ ମୁଣ୍ଡାଙ୍କୁ ୫୦୦ ଟଙ୍କା ପ୍ରଦାନ୍ କରାଯାଇଥିଲା । ମୂଖ୍ୟ ରେଫରି ଭାବେ ସଂଜୀବ ସାହୁ, ଓ ଦିଲ୍ଲୀପ ରାଉତ , ସଲିଳ ବେହେରା,ଜିତେନ୍ଦ୍ର ଥନାପତି , ଖେଳ ପରିଚଳନାରେ ସହଯୋଗ କରିଥିଲେ । ମନୋରଞ୍ଜନ ତ୍ରିପାଠୀ ସ୍ୱାଗତ ଓ ସଭା ସଂଯୋଜନା କରିଥିଲେ । ଧାରା ବିବରଣୀ ରେ ସଞ୍ଜୟ ପାଟ ନାଏକ ସହଯୋଗ କରିଥିଲେ । ବିଜୟୀ ଦଳର ଗୋଲ କିପର ରାଏନୁ ଅଲ୍ଲୀଙ୍କୁ ୫୦୦ ଟଙ୍କା ପ୍ରଦାନ୍ କରାଯାଇଥିଲା । ମ୍ୟାଚ୍ କମିଶନର ଭାବେ ଜାତୀୟ ସ୍ତରର ରେଫରି ଭୁଲୁ ବକ୍ସି ଦାୟିତ୍ୱ ନେଇଥିଲେ । ରାମଧୁନ୍ କ୍ଲବ୍ ସମ୍ପାଦକ ପୀୟୂଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା ।


ସୂଚନା

ସମୟ BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541